# ଆଦିବାସୀ ବହୁଳ ମୟୁରଭଞ୍ଜ
# ଜିଲ୍ଲାରେ ପ୍ରାଥମିକ
# ଶିକ୍ଷାଦାନ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଓଡ଼ିଶା

# ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ
# ପ୍ରାଥମିକ ଶିକ୍ଷାଦାନ

ଆଦିବାସୀ ପ୍ରତିନିଧିଙ୍କ ସହ ଅନୁଷ୍ଠିତ
ଆଲୋଚନାଚକ୍ରର ବିବରଣୀ
ସେପ୍ଟେମ୍ବର ୧୭, ୧୯୮୯

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଓଡ଼ିଶା

# PROCEEDINGS OF THE SEMINAR
# ON
# PRIMARY EDUCATION OF THE TRIBAL STUDENTS OF MAYURBHANJ

September 17, 1989

Co-ordinator :
Professor K. MAHAPATRA

Published by :
Academy of Tribal Dialects & Culture
Adibasi Ground
Bhubaneswar-751009

Edition : 1991

Printed at
BHOLANATH PRESS
189, Bapuji Nagar
Bhubaneswar-751009

# ମୟୂରଭଂଜ ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳରେ ପ୍ରାଥମିକ ଶିକ୍ଷାଦାନ ସଂପର୍କରେ ଆଲୋଚନା-ଚକ୍ର

## -ବିବରଣୀ-

୧. ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶିକ୍ଷାମନ୍ତ୍ରୀ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ଉପସ୍ଥିତିରେ ତା ୨୨ । ୮ । ୮୯ ସନ୍ଧ୍ୟାରେ ଅନୁଷ୍ଠିତ ବରିଷ୍ଠ ଅଫିସର ସ୍ତରୀୟ ବୈଠକର ନିଷ୍ପତ୍ତିକ୍ରମେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ପକ୍ଷରୁ ତା ୧୬ । ୯ । ୮୯ ଦିନ ଆଦିବାସୀ ଓ ହରିଜନ ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଏକ ଆଲୋଚନା-ଚକ୍ର ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଧାୟକ, ଲୋକସଭା ଓ ରାଜ୍ୟସଭା ସଦସ୍ୟ ଏବଂ ପ୍ରତ୍ୟେକ ଉପଜାତିର ପ୍ରତିନିଧି ସ୍ଥାନୀୟ ବ୍ୟକ୍ତିମାନଙ୍କୁ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କରାଯାଇଥିଲା ତାଛଡ଼ା ନିରୀକ୍ଷକ ଭାବେ ଯୋଗ ଦେବା ପାଇଁ ଶିକ୍ଷା ବିଭାଗ ଓ ଆଦିବାସୀ କଲ୍ୟାଣ ବିଭାଗର ବରିଷ୍ଠ ଅଫିସରମାନଙ୍କୁ ଅନୁରୋଧ କରାଯାଇଥିଲା ।

୨. ଆଲୋଚନା-ଚକ୍ରରେ ମୟୂରଭଞ୍ଜ ଜିଲ୍ଲାର ସର୍ବମୋଟ ୨୬ ଜଣ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ :—

(କ) ବିଧାନସଭାର ସଦସ୍ୟ ୩ ଜଣ :

ଶ୍ରୀ ପ୍ରସନ୍ନ କୁମାର ଦାସ (ବାଚସ୍ପତି)
ଶ୍ରୀ କରୁଣାକର ନାୟକ (କରଞ୍ଜିଆ ବିଧାୟକ)
ଶ୍ରୀ ରଘୁନାଥ ନାୟକ (ଯଶୀପୁର ବିଧାୟକ)

(ଖ) ଉପଜାତିର ପ୍ରତିନିଧି ୨୩ ଜଣ : (ପରିଶିଷ୍ଟରେ ନାମ ସୂଚୀ ପ୍ରଦତ୍ତ)

| | |
|---|---|
| ସାନ୍ତାଳ | — ୭ ଜଣ |
| ବାଥୁଡ଼ୀ | — ୪ ଜଣ |
| ଖଡ଼ିଆ | — ୨ ଜଣ |
| ଲୋଧା | — ୨ ଜଣ |
| ଭୂୟାଁ | — ୩ ଜଣ |
| ମୁଣ୍ଡା | — ୩ ଜଣ |
| ମାହାଲୀ | — ୧ ଜଣ |
| ହୋ (କୋହ୍ଲ) | — ୧ ଜଣ |
| କୁର୍ମୀ ମହାନ୍ତ | — ୧ ଜଣ |

(ଘ) ଅଫିସର ପର୍ଯ୍ୟାୟ ନିରୀକ୍ଷକ :

ଆଦିବାସୀ କଲ୍ୟାଣ ବିଭାଗ କମିଶନର, ନିର୍ଦ୍ଦେଶକ, ଯୁଗ୍ମ-ନିର୍ଦ୍ଦେଶକ
ଶିକ୍ଷା ବିଭାଗ-ଅତିରିକ୍ତ ଶାସନ-ସଚିବ
ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ଅନ୍ୟାନ୍ୟ ।

୩. ଆଲୋଚନା-ଚକ୍ରର ସଂଯୋଜକ ଭାବେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ନିର୍ଦ୍ଦେଶକ ଡ: ଖଗେଶ୍ୱର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇ ସଭାର ପରିଚାଳନା କରିଥିଲେ । ପ୍ରଥମେ ଆଦିବାସୀ କଲ୍ୟାଣ କମିଶନର ଶ୍ରୀ ରବୀନ୍ଦ୍ର ମୋହନ ସେନାପତି ଆଲୋଚନାର ଭିତ୍ତି ଏବଂ ତତ୍ ସମ୍ବନ୍ଧୀୟ ତଥ୍ୟାବଳୀ ଉପସ୍ଥାପନ କରିଥିଲେ । (ପରିଶିଷ୍ଟ ଦ୍ରଷ୍ଟବ୍ୟ) ଏଥିରୁ ପ୍ରତିପନ୍ନ ହୋଇଥିଲା ଯେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ତ୍ରିବିଧ : (କ) ପ୍ରାଥମିକ ସ୍ତରରେ ଶିକ୍ଷାଦାନର ମାଧ୍ୟମ ଆଦିବାସୀ ଭାଷା କିମ୍ବା ଓଡ଼ିଆ ହେବା ଉଚିତ୍ ? (ଖ) ସାନ୍ତାଳୀ ଭାଷାର ଅଲଚିକି ଲିପି ତଥା ଅନ୍ୟାନ୍ୟ ଆଦିବାସୀ ଭାଷାର ନବ ଉଦ୍ଭାବିତ ଲିପିର ଶିକ୍ଷା କ୍ଷେତ୍ରରେ ବ୍ୟବହାର କରାଯିବା ସମୀଚୀନ କି ? (ଗ) ଆଦିବାସୀ ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ସାମାଜିକ ସ୍ତରରେ ଅର୍ଥାତ ଅନୁଷ୍ଠାନିକ ଶିକ୍ଷା କ୍ଷେତ୍ରର ବାହାରେ କି ପ୍ରକାର ବ୍ୟବସ୍ଥା କରଯାଇପାରେ ?

ଏହି ପ୍ରସଙ୍ଗ ଉପ୍ତ ନିମ୍ନଲିଖିତ ତଥ୍ୟାବଳୀ ପରିପ୍ରେକ୍ଷୀରେ ଆଲୋଚ୍ୟ :

(କ) ମୟୂରଭଞ୍ଜ ଜିଲାରେ ବହୁବିଧ (୫୩) ଆଦିବାସୀ ଉପଜାତି ବାସ କରନ୍ତି, ଯେଉଁମାନଙ୍କ ମଧ୍ୟରେ ଜିଲା ଜନସଂଖ୍ୟାର ୨୫% ସାନ୍ତାଳ ଏବଂ ୩୨% ଅନ୍ୟାନ୍ୟ ଉପଜାତି ।

(ଖ) କେତେକ ଉପଜାତି ନିଜନିଜର ସ୍ୱତନ୍ତ୍ର ଭାଷା ବ୍ୟବହାର କରନ୍ତି ଏବଂ ଅବଶିଷ୍ଟ ଓଡ଼ିଆ କହନ୍ତି ।

(ଗ) ସାନ୍ତାଳୀ ବ୍ୟତୀତ ହୋ ଭାଷାର ଲିପି ବାହାର କରାଯାଇଛି ଏବଂ ଅନ୍ୟ ଉପଜାତି ଭବିଷ୍ୟତରେ ନିଜର ଲିପି ଉଦ୍ଭାବନ କରିପାରନ୍ତି ।

(ଘ) ପ୍ରତ୍ୟେକ ବିଦ୍ୟାଳୟରେ ଏବଂ ଏକା ଶ୍ରେଣୀରେ ବିବିଧ ଉପଜାତିର ଭିନ୍ନ ଭିନ୍ନ ଭାଷା ଭାଷୀ ଛାତ୍ର ଛାତ୍ରୀ ପଢ଼ନ୍ତି ।

(ଙ) ପ୍ରତ୍ୟେକ ଆଦିବାସୀ ଭାଷାରେ ଶିକ୍ଷା ଦାନ କରିବା ଯୋଗ୍ୟତା ସମ୍ପନ୍ନ ଶିକ୍ଷକ ଯଥେଷ୍ଟ ସଂଖ୍ୟାରେ ନାହାନ୍ତି ।

(ଚ) ଆଦିବାସୀ ଭାଷାରେ ପ୍ରାଥମିକ ଶିକ୍ଷା ସମାପ୍ତ ପରେ ଉଚ୍ଚତର ଅଧ୍ୟୟନ ସମୟରେ ନୂଆକରି ଓଡ଼ିଆରେ ଶିକ୍ଷା ଆରମ୍ଭ କରିବା ଛାତ୍ର ଛାତ୍ରୀଙ୍କ ପକ୍ଷରେ ପ୍ରତିବନ୍ଧକ ହୋଇପାରେ ।

୪. ସଂଯୋଜକ ଡ଼ଃ ମହାପାତ୍ର ଉପସ୍ଥିତ ପ୍ରତିନିଧିମାନଙ୍କୁ ଉପରୋକ୍ତ ପରିପ୍ରେକ୍ଷୀରେ ଆୟୁକ୍ତ ସେନାପତିଙ୍କ ଦ୍ୱାରା ଉତ୍ଥାପିତ ତିନୋଟି ମୌଳିକ ପ୍ରଶ୍ନ ଉପରେ ନିଜ ନିଜର ବକ୍ତବ୍ୟ କ୍ରମାନ୍ୱୟରେ ଉପସ୍ଥାପନ କରିବାକୁ ଆହ୍ୱାନ କରିଥିଲେ ।

(ପ୍ରତ୍ୟେକଙ୍କ ବକ୍ତବ୍ୟ ବିଧାନ ସଭାରୁ ଆହୁତ ସ୍ୱରିଳଣ ଶ୍ରୁତଲିଖନକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିଲା ଏବଂ ଟେପ୍ ରେକର୍ଡର ଦ୍ୱାରା ଶ୍ରୁତିବଦ୍ଧ କରାଯାଇଥିଲା । ପରିଶିଷ୍ଟରେ ଏହା ପ୍ରଦତ୍ତ)

୫. ଆଲୋଚନାରେ ମୂଳତଃ ନିମ୍ନଲିଖିତ ଅଭିମତମାନ ପ୍ରକାଶ ପାଇଥିଲା :

(କ) ସାନ୍ତାଳ ସମ୍ପ୍ରଦାୟର କେତେକ ପ୍ରତିନିଧି ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ପ୍ରଚଳନ ପାଇଁ ଦୃଢ଼ ମତ ପ୍ରକାଶ କରିଥିଲେ ମଧ୍ୟ କେତେକ ପ୍ରତିନିଧି ପଚାଶ ଭାଗରୁ ଅଧିକ ସାନ୍ତାଳ ଛାତ୍ର ଥିବା ବିଦ୍ୟାଳୟରେ ସାନ୍ତାଳୀ ଭାଷାର ଶିକ୍ଷା ଦେବା ପାଇଁ ସ୍ୱତନ୍ତ୍ର ଭାଷା-ଶିକ୍ଷକ ନିଯୁକ୍ତ କରିବାକୁ ପରାମର୍ଶ ଦେଇଥିଲେ ।

(ଖ) ତ୍ରି-ଭାଷା ପ୍ରବର୍ତ୍ତନ ସୂତ୍ର ନିମନ୍ତେ କେତେକ ସାନ୍ତାଳ ପ୍ରତିନିଧି ଓଡ଼ିଆ ବ୍ୟତିରେକ ସାନ୍ତାଳୀ, ହିନ୍ଦୀ ଓ ଇଂରାଜୀ ଭାଷା ତ୍ରୟ ଶିକ୍ଷାର ପକ୍ଷପାତୀ ହୋଇଥିବା ସ୍ଥଳେ ଅନ୍ୟାନ୍ୟ ସମସ୍ତ ପ୍ରତିନିଧିମାନେ ରାଜ୍ୟ ଭାଷା ଓଡ଼ିଆ ସହିତ ହିନ୍ଦୀ ଓ ଇଂରାଜୀ ପ୍ରଚଳନ ସପକ୍ଷରେ ମତ ପ୍ରକାଶ କରିଥିଲେ ।

(ଗ) ଆଦିବାସୀ ଛାତ୍ର ବହୁଳ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକମାନେ ତାଙ୍କ ଅଞ୍ଚଳର ପ୍ରଧାନ ଆଦିବାସୀ ଭାଷା ଜାଣିଥିବା କାମ୍ୟ, ଯଦ୍ୱାରା ଆବଶ୍ୟକ ସ୍ଥଳେ ସେମାନେ ପାଠ୍ୟ ବିଷୟକୁ ଆଦିବାସୀ ଭାଷାର ଶବ୍ଦ ଦ୍ୱାରା ବୁଝାଇବାକୁ ସକ୍ଷମ ହେବେ ବୋଲି ଏକ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା ।

(ଘ) ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ପ୍ରସାର ପାଇଁ ତଥା ଅନ୍ୟାନ୍ୟ ଆଦିବାସୀ ଭାଷା ଓ ଲିପିର ଅନୁରୂପ ଭାବେ ଉନ୍ନତି ସାଧନ ପାଇଁ ଅଣ-ଆନୁଷ୍ଠାନିକ ଶିକ୍ଷା ଓ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ ପ୍ରୋତ୍ସାହନ ଦେବା ପାଇଁ ପରାମର୍ଶ ଦେବା ସଙ୍ଗେ ସାଧାରଣ ଶିକ୍ଷା କ୍ଷେତ୍ରରେ ବହୁବିଧ ଭାଷା ଓ ଲିପି ପ୍ରଚଳନ କରିବାକୁ ସମର୍ଥନ କରାଯାଇନଥିଲା ।

(ଙ) ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ସମସ୍ତ ଆଦିବାସୀ ଭାଷାର ବ୍ୟାକରଣ ଓ ଶବ୍ଦକୋଷ ପ୍ରସ୍ତୁତି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ

କରିବା ସଙ୍ଗେ ଆଦିବାସୀ ଭାଷାର ସୁରକ୍ଷା ଓ ସମୃଦ୍ଧି ଦିଗରେ ସର୍ବବିଧ ସହାୟତା ପ୍ରଦାନ କରିବା ବାଞ୍ଛନୀୟ ବୋଲି ସର୍ବସମ୍ମତ ଅଭିମତ ପ୍ରକାଶ ପାଇଥିଲା ।

୬. ଉପସ୍ଥିତ ପ୍ରତିନିଧି ବୃନ୍ଦ ଏବଂ ନିରୀକ୍ଷକଗଣ ଉପରୋକ୍ତ ମତାମତ ମାନ ବିଚାର ପୂର୍ବକ ମୟୂରଭଞ୍ଜ ଜିଲ୍ଲାରେ ତଥା ପ୍ରସଙ୍ଗତଃ ରାଜ୍ୟର ଅନ୍ୟାନ୍ୟ ଆଦିବାସୀ ଅଞ୍ଚଳରେ ପ୍ରାଥମିକ ଶିକ୍ଷାଦାନ ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ ।

ତା ୨୦ । ୯ । ୮୯

# -ପରିଶିଷ୍ଟ-

I COPY OF INVITATION LETTER

II POPULATION ANALYSIS OF MAYURBHANJ DISTRICT.

TRIBAL POPULATION FIGURES IN MAYURBHANJ DISTRICT.

DISTRIBUTION OF SANTAL POPULATION IN MAYURBHANJ DISTRICT

CLASSWISE AND TRIBEWISE STUDENT STRENGTH IN TWO SCHOOLS

III NAME AND ADDRESS OF THE PARTICIPANTS

IV VERBATIM RECORD OF PROCEEDINGS OF THE SEMINAR

# ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର–୯

ପତ୍ର ସଂଖ୍ୟା ୫୧୬ (୫୪) ତା ୨୫ । ୮ । ୮୯

ପ୍ରେରକ :

ପ୍ରଫେସର ଖଗେଶ୍ୱର ମହାପାତ୍ର,
ନିର୍ଦ୍ଦେଶକ

ପ୍ରାପେଷୁ :

ବିଷୟ : ମୟୂରଭଞ୍ଜ ଜିଲାର ଆଦିବାସୀ ବହୁଳ ଅଞ୍ଚଳରେ ପ୍ରାଥମିକ ଶିକ୍ଷାଦାନ ସମ୍ପର୍କରେ ଆଲୋଚନା–ଚକ୍ର

ମହାଶୟ,

ମୟୂରଭଞ୍ଜ ଜିଲାରେ ବହୁ ଭାଷାଭାଷୀ ଆଦିବାସୀ ଅଞ୍ଚଳରେ ଛାତ୍ର ଛାତ୍ରୀମାନଙ୍କୁ ପ୍ରାଥମିକ ସ୍ତରରେ ଶିକ୍ଷା ଦେବା ନିମନ୍ତେ ମତାମତ ଗ୍ରହଣ ପାଇଁ ଏକ ଆଲୋଚନା–ଚକ୍ର ଆଦିବାସୀ ଓ ହରିଜନ ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ, ୫ ନମ୍ବର ଜାତୀୟ ରାଜପଥ, ସି.ଆର.ପି. ଛକ, ଭୁବନେଶ୍ୱର ଠାରେ ୧୬ । ୯ । ୮୯ ତାରିଖ ଦିବା ୧୧ ଘଟିକା ସମୟରେ ଅନୁଷ୍ଠିତ ହେବ । ବର୍ତ୍ତମାନର ବିଜ୍ଞାନ ଓ କାରିଗରୀ ଯୁଗରେ କିପରି ଏହି ଅଞ୍ଚଳର ଛାତ୍ର ଛାତ୍ରୀମାନଙ୍କୁ ଅନ୍ୟମାନଙ୍କ ସମକକ୍ଷ କରଯାଇପାରିବ ସେ ବିଷୟରେ ମଧ୍ୟ ଆଲୋଚନା ହେବ ।

ଏହି ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିବାପାଇଁ ଆପଣଙ୍କୁ ସାଦର ନିମନ୍ତ୍ରଣ କରଯାଉଅଛି । ଏଥିପାଇଁ ଆପଣଙ୍କର ଯିବା ଆସିବା ଖର୍ଚ୍ଚ ଆମ ପକ୍ଷରୁ ବହନ କରଯିବ ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅତିଥି ଭବନରେ ବିନା ଖର୍ଚ୍ଚରେ ରହିବା ପାଇଁ ଆତିଥ୍ୟ ପ୍ରଦାନ କରଯିବ । ଆମେ ଆଶା କରୁଛୁ ଯେ ତା ୧୬ । ୯ । ୮୯ ସନ୍ଧ୍ୟା ସୁଦ୍ଧା ଆପଣ ଆମ ଅନୁଷ୍ଠାନରେ ପଦାର୍ପଣ କରିବେ ।

ନିମନ୍ତ୍ରଣ ସ୍ୱୀକାର ପୂର୍ବକ ବାଧିତ କରିବାକୁ ଅନୁରୋଧ ।

ଆପଣଙ୍କର ବିଶ୍ୱସ୍ତ

ଖଗେଶ୍ୱର ମହାପାତ୍ର

**STATEMENT-I**

POPULATION ANALYSIS OF MAYURBHANJ DISTRICT
( 1981 CENSUS )

| Total population | Total Tribal population | Tribe-wise percentage to total population. |
|---|---|---|
| 15.81 lakhs | 9.12 lakhs | Santals-4 lakhs ( 25 3% ) |
| | (53 Tribes) | Other Tribes-5.1 lakhs ( 32.4% ) |
| | (Speak different languages) | (52 in number) |
| | 57.67% | Non-Tribals-6.7 lakhs (42.4%) |

Tribal Languages

- Santali
- Mundari
- Ho
- Kharia
- Oraon
- Mahali
- Munda/Kol
- Bhumija

Oriya Dialects

- Bathudi
- Bhuyan
- Kurmali
- Lodha
- Sounti

## STATEMENT-II

## TRIBAL POPULATION FIGURES IN MAYURBHANJ DISTRICT

### ( 1981 CENSUS )

| Sl. No. | Name of the Tribe | Population |
|---|---|---|
| 1. | Santal | 403513 |
| 2. | Bathudi | 82765 |
| 3. | Bhuiya | 42080 |
| 4. | Bhumija | 94214 |
| 5. | Gond | 21757 |
| 6. | Ho | 21967 |
| 7. | Kharia | 14986 |
| 8. | Kolha | 143724 |
| 9. | Munda | 25646 |
| 10. | Saunti | 16882 |
| 11. | Bagata | 287 |
| 12. | Baiga | 13 |
| 13. | Banjara | 9 |
| 14. | Bhottada | 13 |
| 15. | Bhumia | 12 |
| 16. | Bhunjia | 64 |
| 17. | Binjhal | 189 |
| 18. | Chenchu | 1 |
| 19. | Desua Bhuinya | 724 |
| 20. | Dharua | 495 |
| 21. | Gandia | 3 |
| 22. | Ghara | 23 |
| 23. | Holva | 8 |
| 24. | Jatapu | 4 |
| 25. | Juang | 5 |
| 26. | Kandha Gauda | 877 |
| 27. | Kawar | 36 |

| | | |
|---|---|---|
| 28 | Kharwar | 48 |
| 29. | Khond | 197 |
| 30. | Kisan | 52 |
| 31. | Kol | 538 |
| 32. | Kolah-Loharas | 930 |
| 33. | Koli | 110 |
| 34. | Kora | 312 |
| 35. | Korua | 165 |
| 36. | Koya | 3 |
| 37. | Kulis | 2 |
| 38. | Lodha | 2658 |
| 39. | Madia | 10 |
| 40. | Mahali | 6489 |
| 41. | Mankidi | 123 |
| 42. | Mankirdia | 256 |
| 43. | Matya | 323 |
| 44. | Mundari | 8214 |
| 45. | Omanatya | 8 |
| 46. | Oraon | 2944 |
| 47. | Parenga | 3 |
| 48. | Paraja | 11 |
| 49. | Pentia | 930 |
| 50. | Rajuar | 1828 |
| 51 | Savara | 2903 |
| 52. | Shabar Lodha | 8134 |
| 53. | Tharua | 173 |
| | Total- | 912320 |

—o—

## STATEMENT-III

### DISTRIBUTION OF SANTAL POPULATION IN MAYURBHANJ DISTRICT ( 1981 CENSUS )

| Sl. No. | Name of Police Station. | Total popu-lation. | Santal popula-tion. | Percentage of Santal to total popu-lation. | Remarks |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Tiring | 66160 | 30483 | 46.07 | |
| 2. | Gorumahisani | 24759 | 8614 | 34.79 | |
| 3. | Bahalda | 72707 | 28380 | 39 03 | |
| 4. | Rairangpur | 86970 | 32846 | 37.76 | |
| 5. | Badampahar | 42597 | 15698 | 36.85 | |
| 6. | Bisoi | 58351 | 26275 | 45 03 | |
| 7. | Bangiriposi | 130256 | 33699 | 25.87 | |
| 8 | Kuliana | 76361 | 25155 | 32.94 | |
| 9. | Suliapada | 69140 | 17129 | 24.77 | |
| 10. | Morada | 94447 | 34959 | 37 0 | |
| 11. | Betanati | 54972 | 11929 | 21.70 | |
| 12. | Baripada | 110153 | 20771 | 18.8 | |
| 13. | Barasahi | 89651 | 13496 | 15.0 | |
| 14. | Baishinga | 81295 | 14181 | 17.4 | |
| 15. | Khunta | 85321 | 31304 | 36 7 | |
| 16. | Udala | 119818 | 34 94 | 28 6 | |
| 17. | Sarat | 38673 | 6173 | 15 9 | |
| 18. | Thakurmunda | 57007 | 6053 | 10 6 | |
| 19 | Karanjia | 75774 | 5485 | 7.2 | |
| 20 | Jashipur | 78695 | 6062 | 7.7 | |
| 21. | Raruan | 68766 | 18 | 0.03 | |
| | Dist. Total | 15,81,873 | 4,03,004 | 25.4 | |

**Class wise Students Strength of Educational Institution of the H & T. W. Deptt. of Mayurbhanj district during 1989-90**

| Name of the Sevashram | Class | Community wise number of Tribal students | | | | | | | | | | | | | Number of non-Tribal including S.C. | Grand Total | Remarks |
|---|---|---|---|---|---|---|---|---|---|---|---|---|---|---|---|---|---|
| | | Laudha | Bhumuja | Bathudi | Ho | Munda | Mundali | Bhuyan | Kharia | Kolha | Gonda | Aram | Santal | Total | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 | 15 | 16 | 17 | 18 |
| Satkosia U. G. Sevashram | I | — | — | 1 | — | — | — | — | — | 8 | 16 | — | — | 25 | 8 | 33 | |
| | II | — | — | 1 | — | — | — | 1 | — | 11 | 9 | — | 1 | 23 | 3 | 26 | |
| | III | — | — | — | — | — | — | — | — | 8 | 5 | — | 1 | 14 | 7 | 21 | |
| | IV | — | — | — | — | — | — | 1 | — | 6 | 2 | - | 1 | 10 | 10 | 20 | |
| | V | — | — | — | — | — | — | 1 | — | 10 | 2 | — | — | 13 | — | 13 | |

Sd/ Head Sevak
Sat kosia S/S

# ଜାତି ଓ ଉପଜାତି ସଂପର୍କୀୟ ତଥ୍ୟାବଳୀ

## ସରକାରୀ ଉଚ୍ଚ ବିଦ୍ୟାଳୟ, ଠାକୁରଗୋଡା

| ଶ୍ରେଣୀ | ଲୋଧା | କାଥୁଡ଼ି | ହୋ | ମୁଣ୍ଡା | ମୁଣ୍ଡାରି | ଭୂୟାଁ | ଭୂମିଜ | ଖଡ଼ିଆ | କୋହ୍ଲ | ଗଣ୍ଡ | ଓଁରାମ | ଲୋହାର | ସାନ୍ତାଳ | ହରିଜନ | ଅନ୍ୟାନ୍ୟ | ମୋଟ |
|---|---|---|---|---|---|---|---|---|---|---|---|---|---|---|---|---|
| ଦଶମ | — | 7 | — | 1 | — | — | 1 | — | 8 | 2 | — | 1 | 4 | 2 | — | 26 |
| ନବମ | — | 6 | — | — | — | 1 | — | 1 | 8 | — | — | — | 8 | 1 | — | 25 |
| ଅଷ୍ଟମ | — | 8 | 8 | — | — | — | 2 | 2 | — | — | — | — | 8 | 1 | 1 | 30 |
| ସପ୍ତମ | — | 6 | 1 | — | — | 2 | — | 1 | 6 | 2 | — | — | 10 | 2 | 1 | 31 |
| ଷଷ୍ଠ | — | 6 | — | — | — | — | 2 | 1 | 17 | 1 | — | 3 | 10 | 1 | 1 | 42 |
| ପଞ୍ଚମ | — | 3 | — | — | — | — | 2 | — | 9 | 1 | — | 1 | 4 | 2 | 1 | 23 |
| ଚତୁର୍ଥ | — | 2 | — | — | — | — | 1 | — | 8 | 2 | — | 1 | 10 | — | 2 | 26 |
| ତୃତୀୟ | — | 4 | — | — | — | — | — | — | 13 | — | — | — | 13 | 1 | 1 | 32 |
| ଦ୍ୱିତୀୟ | — | 5 | — | — | — | — | 1 | 1 | 18 | — | — | 1 | 11 | 1 | 1 | 39 |
| ପ୍ରଥମ | — | 6 | 2 | — | — | — | — | 4 | 8 | 2 | — | — | 7 | — | 3 | 32 |
| ମୋଟ | — | 53 | 11 | 1 | — | 3 | 9 | 10 | 95 | 10 | — | 7 | 85 | 11 | 11 | 306 |

Sd/-
Headmaster
Govt. High School, Thakurguda
Dt. 3. 9. 39

# LIST OF PARTICIPANTS

| Sl.No. | Name, Designation and Address | Community |
|---|---|---|
| 1. | Sri Prasanna Kumar Das, Speaker<br>Orissa Legislative Assembly. | Oriya |
| 2. | Sri Lasha Majhi, Rtd. Dy. Director,<br>H & T.W. Department, Bhubaneswar<br>At/P o -Udala, Dist. Mayurbhanj | Santal |
| 3. | Sri Nanda Kishore Kisku, Headmaster<br>Dolagodi U.G.M.E. School<br>At/P o.-Rairangpur<br>Dist. Mayurbhanj. | Santal |
| 4. | Sri Ramdas Murmu, Member,<br>Santali Akademy. Orissa, Rairangpur<br>At-Patramohulpuri<br>P o.-Bahalda Road<br>Dist-Mayurbhanj | Santal |
| 5. | Sri Mochiram Majhi, Chairman,<br>Board of Santali Education, ASECA,<br>Rairangpur<br>Dist-Mayurbhanj | Santal |
| 6. | Shri Chhutai Soren<br>At/P.o.-Rairangpur<br>Dist-Mayurbhanj | Santal |

| | | |
|---|---|---|
| 7. | Sri Surai Hembram,<br>At/P.o.-Sarat<br>Dist-Mayurbhanj | Santal |
| 8. | Sri Masang Majhee<br>Vill-Jamirdiha<br>P o.-Kundulia<br>Dist-Mayurbhanj | Santal |
| 9. | Sri Brundaban Padhuria. Sarapanch,<br>Kalam Garia, Kaptipada Block | Bathudi |
| 10. | Sri Rajkishore Naik,<br>Bank of India, Baripada,<br>Dist-Mayurbhanj | Bathudi |
| 11. | Sri Akshaya Simankia<br>At-Deulia, P.o.-Galisa<br>Dist-Mayurbhanj | Bathudi |
| 12. | Sri Parameswar Naik<br>Vill-Balimunduli<br>P o.-Kathasiris<br>Dist-Mayurbhanj | Bathudi |
| 13. | Sri Sambhunath Naik, M.L.A.<br>Jashipur, At/P.o -Jashipur<br>Dist-Mayurbhanj | Bathudi |
| 14. | Sri Karunakar Naik. M.L.A., Karanjia<br>At.-Dumuria, P.o.-Bala<br>Dist-Mayurbhanj | Bathudi |

| | | |
|---|---|---|
| 15. | Sri Satish Chandra Singh,<br>At-Barakholi, Kuliana<br>Dist-Mayurbhanj | Kharia |
| 16. | Sri Bhaskara Chandra Digoi<br>At/P.o.-Golamunda Kata<br>Via-Bangiriposi<br>Dist-Mayurbhanj | Kharia |
| 17. | Sri Bharat Chandra Mallik<br>At/P.O.-Gadigan<br>Via-Chitrada Block, Morada<br>P.S.-Morada, Dist-Mayurbhanj | Lodha |
| 18. | Sri Kalchand Naik,<br>Baripada<br>Dist-Mayurbhanj | Lodha |
| 19. | Sri Gobardhana Naik<br>At-Kalajhimi<br>P.O -Bad deuli<br>Via-Bad Deuli<br>Dist-Mayurbhanj | Bhuyan |
| 20. | Sri Kailash Chandra Naik<br>At/P.O.-Pokharia<br>Dist-Mayurbhanj | Bhuyan |
| 21. | Sri Santosh Kumar Murmu<br>Vill-Danadai<br>P.O.-Danadai<br>Dist-Mayurbhanj | Bhuyan |

| | | |
|---|---|---|
| 22. | Sri Manohar Maheli<br>Vill-Sana Raikaly<br>P.O.-Gayalmara<br>Dist-Mayurbhanj | Mahali |
| 23. | Sri Laxman Singh<br>At/P.O -Khadambeda<br>Dist-Mayurbhanj | Munda |
| 24. | Sri Purosattam Singh<br>Godargodi<br>P.O.-Baghuasoli<br>Dist-Mayurbhanj | Jamdia Munda |
| 25. | Sri Laxman Singh Purtty<br>Vill-Kandsore<br>P.O.-Talgaon<br>Via-Jamunda<br>Dist-Mayurbhanj | Ho (Kolh) |
| 26. | Sri Jeogendra Nath Das<br>Head master, Rasamtala High School<br>At/P.O -Rasamtala<br>Dist-Mayurbhanj | Kurmi |

—O—

## LIST OF OBSERVERS

| NAME | DESIGNATION | |
|---|---|---|
| Sri R. M. Senapati, I.A.S. | Commissioner-cum-Secretary | Harijan & Tribal Welfare Department |
| Sri G. N. Pegu, I.A.S. | Director (H.W.)-cum Addl. Secretary | -do- |
| Sri D. K. Mishra, O.A.S. (I) | Jt. Director-cum Dy. Secretary | -do- |
| Sri R. C. Mishra, I A S. | Addl. Secretary | Education & Youth Services Department |
| Sri C. Das | District Welfare Officer | Mayurbhanj |

—O—

Verbatim Record of deliberations of the Seminar of all representatives of different Tribal Dialects of Mayurbhanj District held on 17th September, 1989 at 11 A. M. in Tribal & Harijan Research-cum-Training Institute, Bhubaneswar under the auspices of Academy of Tribal Dialects & Culture.

**ଖଗେଶ୍ୱର ମହାପାତ୍ର** ନିର୍ଦ୍ଦେଶକ, ଟି.ଏଚ୍.ଆର୍.ଟି.ଆଇ

ମାନ୍ୟବର ଆଦିବାସୀ କଲ୍ୟାଣ ବିଭାଗର କମିଶନର, ଉପସ୍ଥିତ ବିଧାନ ସଭାର ସଭ୍ୟବୃନ୍ଦ, ମୟୂରଭଞ୍ଜରୁ ଆଗତ ଆଦିବାସୀ ବନ୍ଧୁଗଣ, ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଏବଂ ଆଦିବାସୀ ବିଭାଗର ବରିଷ୍ଠ ଅଫିସର ବନ୍ଧୁଗଣ ! ମୁଁ ଆପଣମାନଙ୍କୁ ଆଜିର ଏହି ସମାବେଶ ଓ ଆଲୋଚନା ଚକ୍ରକୁ ଆଦିବାସୀ ଭାଷା ଏବଂ ସଂସ୍କୃତି ଏକାଡେମୀ ପକ୍ଷରୁ ଏବଂ ହରିଜନ ଓ ଆଦିବାସୀ ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ସ୍ୱାଗତ ଜଣାଉଛି । ଏ ଦୁଇଟି ଅନୁଷ୍ଠାନର ନିର୍ଦ୍ଦେଶକ ଭାବରେ ମୁଁ ବର୍ତ୍ତମାନ କାର୍ଯ୍ୟ କରୁଛି । ଆପଣମାନେ ଏଠାରେ ଆସି ଉପସ୍ଥିତ ହୋଇଥିବାରୁ ଆମେ ଖୁବ୍ ଆନନ୍ଦିତ ଏବଂ ମୋର ଦୃଢ଼ ବିଶ୍ୱାସ ଆମର ଆଜିର ଏହି ସମାବେଶ ଓ ଆଲୋଚନା ଆମ ପକ୍ଷରେ ଯଥେଷ୍ଟ ଉପଯୋଗୀ ହେବ ।

ଗତମାସ ୨୨ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୋଟିଏ ଆଲୋଚନାରେ ମିଳିତ ହୋଇଥିଲୁ । ସେଠାରେ ସ୍ଥିର ହୋଇଥିଲା ଯେ ସବୁ ଗୋଷ୍ଠୀର ଲୋକମାନଙ୍କ ସହିତ ପରାମର୍ଶ କରି ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷା ସମ୍ପର୍କରେ, ଶିକ୍ଷାର ମାଧ୍ୟମ ସମ୍ପର୍କରେ କି ନୀତି ଅବଲମ୍ବନୀୟ, ପାରସ୍ପରିକ ଆଲୋଚନା ମାଧ୍ୟମରେ ସ୍ଥିର କରିବୁ । ମୁଁ ଆନନ୍ଦିତ ଯେ ପ୍ରାୟ ସବୁ ଗୋଷ୍ଠୀର ଓ ସମାଜର ବନ୍ଧୁମାନେ ଏଠାକୁ ଆସିଛନ୍ତି ଏବଂ ସେମାନେ ତାଙ୍କର ପ୍ରତିନିଧିତ୍ୱ କରିବେ । ଆଜିର ଆଲୋଚନାର ଭିତ୍ତି କ'ଣ ସେ ବିଷୟରେ ପ୍ରାଥମିକ ସୂଚନା ଦେବାପାଇଁ ଆମ ଆଦିବାସୀ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ, ଶ୍ରୀଯୁକ୍ତ ରବୀନ୍ଦ୍ର ମୋହନ ସେନାପତିଙ୍କୁ ମୁଁ ଅନୁରୋଧ କରୁଛି ।

**ଶ୍ରୀ ଆର୍. ଏମ୍. ସେନାପତି** ( କମିଶନର )

ବନ୍ଧୁଗଣ, ଆମର ଓଡ଼ିଶାରେ ଗୋଟିଏ ପ୍ରବାଦ ଅଛି–'ନଈକେ ବାଙ୍କ ଦେଶକେ ଫାଙ୍କ' ଅର୍ଥାତ୍ ନଈ କେବେ ସିଧା ଯାଏ ନାହିଁ । ନଈର ଗତିପଥରେ ବହୁତ ଅଙ୍କାବଙ୍କା ଥାଏ ; ସେହିପରି ପ୍ରଦେଶ ଭିତରେ ଭାଷା ଓ ଅନ୍ୟାନ୍ୟ

ଦିଗରେ ଫାଙ୍କ ଥାଏ, ଅର୍ଥାତ ପ୍ରଭେଦ ଥାଏ । ଆଜିର ଆଲୋଚନାର ବିଷୟବସ୍ତୁ ଆପଣଙ୍କୁ ଆଦିବାସୀ ଭାଷା ଏବଂ ସଂସ୍କୃତି ଏକାଡ଼େମୀର ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମହାପାତ୍ର କହିଛନ୍ତି । ତା'ଉପରେ ଆପଣମାନେ ଆଲୋଚନା କରିବେ । ମୁଁ କେବଳ କେତେକ ତଥ୍ୟର ଅବତାରଣା କରୁଛି । ଆପଣମାନଙ୍କୁ କେତେକ ଷ୍ଟାଟିଷ୍ଟିକାଲ ତଥ୍ୟ ଅର୍ଥାତ୍ ସମର୍କୀୟ ପରିସଂଖ୍ୟାନ ଆପଣଙ୍କ ଫୋଲଡ଼ରରେ ଦିଆଯାଇଛି । ଷ୍ଟେଟମେଣ୍ଟ–I ରେ ଯାହା ଦିଆଯାଇଛି, ସେଥିରେ ମୟୂରଭଞ୍ଜ ଜିଲ୍ଲାରେ ୫୩ଟି ଆଦିବାସୀ ସଂପ୍ରଦାୟର ଲୋକ ଅଛନ୍ତି । ତନ୍ମଧ୍ୟରୁ ସାନ୍ତାଳ ଗୋଷ୍ଠୀସଂପ୍ରଦାୟର ଲୋକସଂଖ୍ୟା ୨୫% ଏବଂ ଅନ୍ୟାନ୍ୟ ୫୨ଟି ଆଦିବାସୀ ଗୋଷ୍ଠୀର ଲୋକସଂଖ୍ୟା ୩୨.୪% ଏବଂ ଅଣଆଦିବାସୀ ହେଲେ ୪୨.୪% ସେହିପରି ଷ୍ଟେଟମେଣ୍ଟ–II ରେ ଯାହା ଦିଆଯାଇଛି ସେଥିରେ ସାନ୍ତାଳ, ବାଥୁଡ଼ି, ଭୂୟାଁ, ଭୂମିଜ, ଗଣ୍ଡ, ହୋ, ଖଡ଼ିଆ, କୋଲହ, ମୁଣ୍ଡା ଓ ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟମାନଙ୍କର ଲୋକସଂଖ୍ୟା କେତେ ତାର ସୂଚନା ଦିଆଯାଇଛି । ମୟୂରଭଞ୍ଜ ଜିଲ୍ଲାରେ ଥାନାୱାରୀ ସାନ୍ତାଳମାନଙ୍କ ବ୍ୟତୀତ ଅନ୍ୟାନ୍ୟ ସଂପ୍ରଦାୟର ସଂଖ୍ୟା କେତେ ତାହା ଜନଗଣନାରୁ ନ'ମିଳିବାରୁ ଯୋଗାଇ ଦିଆଯାଇ ପାରିନାହିଁ । ଆଉ ଏକ ଷ୍ଟେଟମେଣ୍ଟରେ ବିଭିନ୍ନ ବିଦ୍ୟାଳୟରେ ବିଭିନ୍ନ ଆଦିବାସୀ ସଂପ୍ରଦାୟ ଓ ଭାଷାଭାଷୀ ପିଲା କେତେ ପଢୁଛନ୍ତି, ତାର ସୂଚନା ଦିଆଯାଇଛି । ସମୟ ଅଭାବରୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଶିକ୍ଷାଅନୁଷ୍ଠାନରେ ଭିନ୍ନ ଭିନ୍ନ ସଂପ୍ରଦାୟର କେତେ ପିଲା ପଢୁଛନ୍ତି ତାହା ପୂର୍ବରୁ ଦେଇପାରି ନ'ଥିଲୁ । ଆଜି ତାହା ଏଠି ପଢି ଦେଉଛି ।

ମୟୂରଭଞ୍ଜ ଜିଲ୍ଲାରେ ସରକାରଙ୍କ ଆଦିବାସୀ ବିଭାଗର ୮୧ଟି ଶିକ୍ଷାନୁଷ୍ଠାନ ଅଛି ଏବଂ ସେଥିରେ କୌଣସି ଗୋଟିଏ ସଂପ୍ରଦାୟ ସଂଖ୍ୟାଧିକ ନୁହଁନ୍ତି । ସେଥିରେ ଲୋଧା, ବାଥୁଡ଼ି, ମୁଣ୍ଡା, ଭୂୟାଁ, ଭୂମିଜ ଓ ସାନ୍ତାଳ ଇତ୍ୟାଦି ପିଲା ପଢୁଛନ୍ତି । ଅର୍ଥାତ୍ ଗୋଟିଏ ସ୍କୁଲରେ କୌଣସି ଗୋଟିଏ ସଂପ୍ରଦାୟର ବା ଭାଷାଭାଷୀର ପିଲା ନାହାନ୍ତି । ସେଥିରେ ଅନ୍ୟ ଭାଷାଭାଷୀର ପିଲାମାନେ ମଧ୍ୟ ପଢୁଛନ୍ତି । ଏସବୁ ତଥ୍ୟର ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ଯେ ପ୍ରତ୍ୟେକ ବ୍ଲକରେ ଆଦିବାସୀ ଓ ଅଣଆଦିବାସୀ ପିଲାମାନେ

ମିଶିକରି ରହୁଛନ୍ତି ଓ ପଢ଼ୁଛନ୍ତି । ଏହି ପରିପ୍ରେକ୍ଷୀରେ ମାତ୍ର ଗୋଟିଏ ଆଦିବାସୀ ଭାଷାର ଲିପି କିପରି ପ୍ରଚଳିତ ହେବ, ତାହା ଆପଣମାନେ ବିଚାର କରିବେ । ଅନେକ ଆଦିବାସୀ ଭାଷାର ଲିପି ନାହିଁ । ସେପରି କ୍ଷେତ୍ରରେ କ'ଣ କରଯିବ, ତାହା ମଧ୍ୟ ବିଚାର୍ଯ୍ୟ । ଆପଣଙ୍କ ଅବଗତି ନିମନ୍ତେ କହି ରଖେ, ଆଦିବାସୀ-ମାନଙ୍କର ବ୍ୟବସ୍ଥା ହେଉଛି, ଆନ୍ଧ୍ରରେ ତେଲୁଗୁ ଲିପି, ମଧ୍ୟପ୍ରଦେଶରେ ଦେବନାଗରୀ ଲିପି ଏବଂ ଆସାମରେ ଅସମୀୟା ଲିପି ଚାଲୁ ହୋଇଛି । ଦ୍ୱିତୀୟ ପ୍ରଶ୍ନ ହେଉଛି ଆଦିବାସୀମାନଙ୍କୁ ଓଡ଼ିଆ ଭାଷାରେ ଶିକ୍ଷା ପ୍ରଦାନର ପ୍ରଣାଳୀ, ଯେହେତୁ ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକ ମିଳିମିଶି ରହୁଛନ୍ତି ସେ କ୍ଷେତ୍ରରେ ବିଭିନ୍ନ ଆଦିବାସୀ ଭାଷାରେ ଶିକ୍ଷା ପ୍ରଦାନ କିପରି ହେବ ତା'କୁ ଆମେ ଆଜି ଏଠାରେ ଆଲୋଚନା କରିବା । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ତରଫରୁ ବିଭିନ୍ନ ଆଦିବାସୀ ଭାଷା ପାଇଁ ଓଡ଼ିଆ ଭାଷାରେ ଶବ୍ଦକୋଷ ଓ ବ୍ୟାକରଣ ପ୍ରସ୍ତୁତ କରଯାଇଛି । ବର୍ତ୍ତମାନ ୪ଟି ଆଦିବାସୀ ଭାଷାର ବ୍ୟାକରଣ ଓ ଶବ୍ଦକୋଷ କରଯାଇଛି ଆଉ ୫ଟି ଭାଷାରେ ଲେଖା ଚାଲିଛି ଏବଂ ସାନ୍ତାଳୀ ଭାଷାରେ ମଧ୍ୟ ଗୋଟିଏ ଶବ୍ଦକୋଷ ଛପା ହେବାକୁ ଯାଉଛି । ତେଣୁ ବିଭିନ୍ନ ଭାଷାକୁ ଓଡ଼ିଆ ଭାଷାରେ କିପରି ବୁଝିହେବ ତା'ର ବ୍ୟବସ୍ଥା କରଯାଉଛି । ଏସବୁ କରିବାର ଉଦ୍ଦେଶ୍ୟ ହେଉଛି ସ୍କୁଲ ଗୁଡ଼ିକରେ ଯେଉଁ ଶିକ୍ଷକମାନେ ପାଠପଢ଼ାଇବେ, ସେ ସ୍କୁଲରେ ବିଭିନ୍ନ ଭାଷାଭାଷୀ ଓ ସମ୍ପ୍ରଦାୟର ପିଲାମାନେ ଥିଲେ ମଧ୍ୟ, ଏହି ବହି ନେଇ ସେମାନେ ପିଲାମାନଙ୍କୁ ବୁଝାଇ ପାରିବେ । ତୃତୀୟ କଥା ହେଉଛି ଚାକିରି ବାକିରି ପାଇଁ କ'ଣ ବ୍ୟବସ୍ଥା କରଯାଇଛି । ଆମର ଯେଉଁ ଚାକିରି ସୃଷ୍ଟି ହେଉଛି ତାହା କେବଳ ମୟୂରଭଞ୍ଜ ଜିଲ୍ଲା ପାଇଁ ହେଉନାହିଁ ବା ଅଧିକ ସଂଖ୍ୟାରେ ହେଉନାହିଁ । ତେଣୁ ଯେଉଁମାନେ ପାଠ ପଢୁଛନ୍ତି ସେମାନେ ମୟୂରଭଞ୍ଜ ଜିଲ୍ଲାରେ ଯେ ସୀମିତ ରହିବ, ତାହା ଠିକ୍ ନୁହେଁ । ବିଦ୍ୟୁତ୍, ଜଳସେଚନ, କୃଷି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ମୟୂରଭଞ୍ଜରେ ବହୁ ଚାକିରୀମାନ ସୃଷ୍ଟି ହେଉଛି । ବିଜ୍ଞାନ ଏବଂ କାରିଗରୀ କ୍ଷେତ୍ରରେ ମଧ୍ୟ ଓଡ଼ିଶା ବାହାରେ ବହୁ ଚାକିରୀ ସୃଷ୍ଟି ହେଉଛି । ତେଣୁକରି ଆଦିବାସୀମାନଙ୍କୁ କିପରି ଶିକ୍ଷା ଦେବାକୁ ହେବ ତାହା ବିଚାର କରିବା କଥା, ଏ'ତ ହେଲା ସରକାରୀ ସ୍ତରରେ ଶିକ୍ଷାଦାନର କଥା ।

ବେସରକାରୀ ସ୍ତରରେ ଆମ ଶିକ୍ଷା ବିଭାଗ ତରଫରୁ ଅଣଆନୁଷ୍ଠାନିକ (ନନ୍ ଫରମାଲ୍ ଏଡୁକେସନ) ଓ ପ୍ରୌଢ଼ଶିକ୍ଷା (ଆଡ଼ଲ୍ଟ ଏଡୁକେସନ)ର ବ୍ୟବସ୍ଥା କରାଯାଇଛି । ସେଥିରେ କିଭଳି ଭାବରେ ଅନ୍ୟାନ୍ୟ ଭାଷାର ଲୋକ ଯେଉଁମାନେ ରହିଗଲେ–ସ୍ଥାନୀୟ ଅଧିବାସୀ, ସେମାନଙ୍କୁ ତାଙ୍କ ଭାଷାରେ କିପରି ଶିକ୍ଷା ଦିଆଯାଇ ପାରିବ ସେ ବିଷୟରେ ଆଲୋଚନା କରିବା କଥା, ଆପଣଙ୍କୁ ଡ଼ଃ ମହାପାତ୍ର ଯେଉଁ କଥା କହିଲେ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ସୃଷ୍ଟି କରିବାର ଉଦ୍ଦେଶ୍ୟ ହେଲା ଯେ ଶିକ୍ଷାଦାନର ବାହାରେ ମଧ୍ୟ ସେମାନଙ୍କର କିପରି ସାହିତ୍ୟ, କଳା ଓ ସଂସ୍କୃତିର ଉତ୍ତରୋତ୍ତର ଉନ୍ନତି କରାଯାଇ ପାରିବ ସେ ଦିଗରେ ଚେଷ୍ଟା କରିବା । ମୁଁ ଆପଣମାନଙ୍କୁ କୌଣସି ପରାମର୍ଶ ଦେଉନାହିଁ କିମ୍ବା ମୋର ବ୍ୟକ୍ତିଗତ ମତ କ'ଣ ତାହା ଦେଉନାହିଁ । ମୁଁ କେବଳ କେତେକ ତଥ୍ୟର ଅବତାରଣା କଲି । ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି, ଆପଣମାନେ ଏ ବିଷୟରେ ଆଲୋଚନା କରନ୍ତୁ ।

**ଡ଼ଃ ମହାପାତ୍ର** ନିର୍ଦ୍ଦେଶକ, ଟି.ଏଚ.ଆର.ଟି.ଆଇ

ମୁଁ ମୂଳରୁ ଆପଣମାନଙ୍କୁ ସୂଚାଇ ଦେବାକୁ ଚାହେଁ ଯେ ଏହା ଆମର ତର୍କ–ସଭା ନୁହେଁ । ପ୍ରତ୍ୟେକ ଏଠାରେ ନିଜନିଜର ମତ ପ୍ରକାଶ କରିବେ । ଯେଉଁ ତଥ୍ୟ ଗୁଡ଼ିକ ଦିଆଗଲା ତା'କୁ ଭିତ୍ତିକରି ମତ ଦେବେ । ଗୋଟିଏ ପ୍ରଶ୍ନ ଉଠୁଛି ଯେ ଯେଉଁ ଭାଷା ମାଧ୍ୟମରେ ଫର୍ମାଲ୍ ଏଡୁକେସନ୍ ବା ସ୍କୁଲ ଏଡୁକେସନ୍‌ରେ ଶିକ୍ଷା ଦିଆଯିବା ଉଚିତ୍ । ଏଥିପାଇଁ ଓଡ଼ିଆ ବ୍ୟତିରେକେ ଆଉ କି ଲିପି ବ୍ୟବହାର କରାଯାଇ ପାରିବ ଏହା ହେଲା ମୌଳିକ ପ୍ରଶ୍ନ । ତା'ଛଡ଼ା ସ୍କୁଲ ଶିକ୍ଷା ବାହାରେ ବିଭିନ୍ନ ଭାଷା ଓ ଲିପିର ଉନ୍ନତି ପାଇଁ କ'ଣ କରାଯାଇ ପାରିବ ତାହା ମଧ୍ୟ ଆଲୋଚନା କରିବା ।

## (୧) ଶ୍ରୀ ରାଜକିଶୋର ନାୟକ

(ବାଥୁଡ଼ି ସମ୍ପ୍ରଦାୟ)

ସାର୍, ଯଦିଓ ପ୍ରତ୍ୟେକ ବ୍ୟକ୍ତିର ନିଜର ମାତୃଭାଷାରେ ଶିକ୍ଷା ଗ୍ରହଣ କରିବା ଏକ ମୌଳିକ ଅଧିକାର, ଆମ ରାଜ୍ୟର ସଂହତି ଓ ସ୍ୱାର୍ଥରକ୍ଷା ଦୃଷ୍ଟିରୁ

ଆମେ ଓଡ଼ିଆ ଲିପିରେ ହିଁ ଶିକ୍ଷାଲାଭ କରିବା ଅଧିକ ସମୀଚୀନ ହେବ । କାରଣ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବିଭିନ୍ନ ଭାଷାଭାଷୀର ଲୋକ ଅଛନ୍ତି ଓ ସେମାନଙ୍କ ଭିତରେ ସମନ୍ୱୟ ଆଣିବାର ଗୋଟିଏ ଉପାୟ ହେଉଛି ଓଡ଼ିଆ ଭାଷା । ଅନ୍ୟ ପ୍ରଦେଶ -ବେଙ୍ଗଲରେ ଯେପରି ବଙ୍ଗଳା ଲିପି, ଆନ୍ଧ୍ରରେ ତେଲୁଗୁ ଲିପି ଓ ମଧ୍ୟ ପ୍ରଦେଶରେ ଦେବନାଗରୀ ଲିପି ପ୍ରଚଳିତ ଅଛି, ସେହିପରି ଆମ ଓଡ଼ିଶାରେ ମଧ୍ୟ ଓଡ଼ିଆ ଲିପିକୁ ଶିକ୍ଷାର ମାଧ୍ୟମ ହିସାବରେ ଗ୍ରହଣ କରାଯିବା ଉଚିତ୍ । କାରଣ ନିଜ ମାତୃଭାଷା ମାଧ୍ୟମରେ ଅନ୍ୟଭାଷା ଜାଣିବା ପାଇଁ ସେ ସକ୍ଷମ ହୋଇଥାଏ, ତେଣୁ ଆଦିବାସୀମାନଙ୍କୁ ଶିକ୍ଷା ଦେବାକୁ ହେଲେ, ଯେଉଁ ଶିକ୍ଷକମାନେ ତାଙ୍କୁ ଶିକ୍ଷା ଦାନ କରିବେ ସେମାନେ ଆଦିବାସୀ ଭାଷା ମାଧ୍ୟମରେ ତାଙ୍କୁ ଓଡ଼ିଆଭାଷା ଶିକ୍ଷାଦାନ କଲେ ଭଲ ହେବ । ଏହା ଅନ୍ତତଃ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ହେବା ଉଚିତ୍ ।

## (୬) ଶ୍ରୀ ସନ୍ତୋଷ କୁମାର ମୁଣ୍ଡା

( ଭୂମିଜ ସମ୍ପ୍ରଦାୟ )

ସାର୍, ଭାଷାକୁ ନେଇ ଆମେ ଆମର ମନୋଭାବ ପ୍ରକାଶ କରିଥାଉ । ଯେଉଁ ଭାଷାରେ ପିଲାଙ୍କୁ ପାଠ ପଢ଼ାଇଲେ ସେ ଯେପରି ତାହା ବୁଝିପାରିବେ, ସେହି ଭାଷାରେ ତାଙ୍କୁ ଶିକ୍ଷାଦେବା ଉଚିତ୍ । ଆମ ମୟୂରଭଞ୍ଜ ଜିଲ୍ଲାରେ ୫୩ଟି ଭାଷାଭାଷୀର ଆଦିବାସୀ ସମ୍ପ୍ରଦାୟ ଅଛନ୍ତି । କିନ୍ତୁ ପ୍ରତ୍ୟେକଙ୍କର ଭାଷା ସମାନ ନୁହେଁ । ତାଙ୍କ ଭିତରେ କେହି କେହି ଓଡ଼ିଆ କହୁଛନ୍ତି, ସାନ୍ତାଳୀ କହୁଛନ୍ତି, ମୁଣ୍ଡା କହୁଛନ୍ତି, ଭୂମିଜ କହୁଛନ୍ତି । ଯଦି ଗୋଟିଏ ଆଦିବାସୀ ଭାଷାରେ ଶିକ୍ଷା ଦିଆଯାଏ, ଅନ୍ୟ ସମ୍ପ୍ରଦାୟର ପିଲାମାନେ ପଢ଼ିବାକୁ ଅସୁବିଧାହେବ । ଯେହେତୁ ଓଡ଼ିଆ ହେଉଛି ଆମ ରାଜ୍ୟସ୍ତରୀୟ ଭାଷା, ସେହି ଓଡ଼ିଆ ଭାଷାରେ ଶିକ୍ଷାଦାନ ଦିଆଯିବା ଉଚିତ୍ । ଯେହେତୁ ମୟୂରଭଞ୍ଜ ଜିଲ୍ଲାରେ ସାନ୍ତାଳ ଲୋକସଂଖ୍ୟା ଅଧିକ, ସେ ପିଲାମାନଙ୍କୁ ପ୍ରାଥମିକ ସ୍ତରରେ ସାନ୍ତାଳୀ ଭାଷା ମାଧ୍ୟମରେ ଶିକ୍ଷାଦାନ ଦିଆଯିବା ଉଚିତ୍ । ସେଥିପାଇଁ ପ୍ରତ୍ୟେକ ସ୍କୁଲରେ ସାନ୍ତାଳୀ ଭାଷା ଜାଣିଥିବା ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯିବା ଉଚିତ୍ । ଯେହେତୁ ଅନ୍ୟ ଆଦିବାସୀ ଭାଷାର ଲିପି ନାହିଁ । ସେ ପିଲାମାନେ ଓଡ଼ିଆ ଭାଷାରେ ଶିକ୍ଷାଲାଭ କରିବେ । ତେଣୁ

ପ୍ରଥମେ କେଉଁ ସ୍କୁଲରେ କେଉଁ ଭାଷାଭାଷୀର କେତେ ପିଲା ପଢୁଛନ୍ତି ତାର ଷ୍ଟାଟିଷ୍ଟିକ୍ସ କଲେକ୍ସନ କରାଯିବା ଦରକାର । ଯେଉଁ ସ୍କୁଲରେ ୫୦% ରୁ ଅଧିକ ସାନ୍ତାଳ ପିଲା ଅଛନ୍ତି, ସେଠାରେ ସାନ୍ତାଳୀ ଶିକ୍ଷକ ନିଯୁକ୍ତି କରି ସେମାନଙ୍କୁ ସାନ୍ତାଳୀ ଭାଷା ମାଧ୍ୟମରେ ଶିକ୍ଷାଦାନ କରାଯିବା ଉଚିତ୍ । ଅନ୍ୟପକ୍ଷରେ ସାନ୍ତାଳୀ ଲିପି ଶିଶୁ ଅବସ୍ଥାରେ ଅଛି ଓ ସେମାନଙ୍କୁ ଯଦି ସେହି ଲିପିରେ ଶିକ୍ଷା ଦିଆଯାଏ, ତେବେ ସେମାନେ ଗୋଟିଏ ସମ୍ପ୍ରଦାୟରୁ ଅଲଗା ହୋଇ ରହିଯିବେ ଓ ଅନ୍ୟମାନଙ୍କ ସମ୍ପର୍କରେ ଆସି ପାରିବେ ନାହିଁ । ତେଣୁ ମୋର ମତ ହେଲା ଟି.ଆର.ଡ଼ବ୍ଲ୍ୟୁ ହଷ୍ଟେଲମାନଙ୍କରେ ଜେନେରାଲ କାଷ୍ଟ ଓ ଆଦିବାସୀ ସମ୍ପ୍ରଦାୟର ପିଲମାନେ ମିଶିକରି ରହନ୍ତୁ ଯାହାଫଳରେ ସେମାନଙ୍କର ଭାବ ବିନିମୟ ହେବ ଓ ଆଉଟ୍‌ଲୁକ ବଢିବ । ଏ ବିଷୟରେ ମୋର ଆଉ ଅଧିକା କିଛି କହିବାର ନାହିଁ ।

## (ଗ) ଶ୍ରୀ ଯୋଗେନ୍ଦ୍ରନାଥ ଦାସ

(କୁର୍ମୀ ମହାତ)

ସାର୍, ମୟୂରଭଞ୍ଜ ଜିଲାର ଆଦିବାସୀ ଅଞ୍ଚଳର ପ୍ରାଥମିକ ସ୍କୁଲମାନଙ୍କରେ ଯେଉଁ ଶିକ୍ଷକମାନଙ୍କୁ ନିଯୁକ୍ତ କରଯାଇଛି ସେମାନେ ଓଡ଼ିଆଭାଷା ବ୍ୟତୀତ ଲୋକାଲ୍ ଟ୍ରାଇବାଲ୍ ଡାଇଲେକ୍ଟ୍ ଜାଣିଥିବା ଉଚିତ୍ । ମୁଁ ଏ ବିଷୟରେ ଦୁଇଜଣ ଶିକ୍ଷକଙ୍କ ସହ ପରାମର୍ଶ କରି ମୋର ଅନୁଭୂତି ଯାହା ତାହା ଏଠାରେ ପ୍ରକାଶ କରୁଛି । ଯେତେବେଳେ ଛୋଟ ପିଲମାନେ ସ୍କୁଲକୁ ପ୍ରଥମେ ପାଠ ପଢିବାକୁ ଆସୁଛନ୍ତି ସେମାନେ ପ୍ରାରମ୍ଭରୁ ଭାଷା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେତେବେଳେ ସେ ପିଲାକୁ ସ୍କୁଲରେ ଛାଡ଼ି ତା'ର ବାପା ଚାଲିଯାଉଛି, ସେ ଶିକ୍ଷକଙ୍କ ସହିତ କଥାବାର୍ତ୍ତା କରି ପାରୁନାହିଁ । କାରଣ ସେ ଓଡ଼ିଆ ଭାଷା ଆଦୌ ବୁଝିପାରୁନାହିଁ । ତେଣୁ ସେ ତାର କୌଣସି ଅସୁବିଧା ବିଷୟରେ ସେ ଶିକ୍ଷକଙ୍କୁ ଜଣାଇ ପାରୁନାହିଁ । ମୋର ମତ ହେଲା, ଓଡ଼ିଆ ଲିପି ଥାଉ, ଓଡ଼ିଆ ଭାଷା ଥାଉ, ତା ସଙ୍ଗେ ସଙ୍ଗେ ଲୋକାଲ୍ ଡାଇଲେକ୍ଟର ଅକ୍ଷର ଓ ଅର୍ଥ ସେଥିରେ ବ୍ରାକେଟ୍ ଭିତରେ ଲେଖାଯାଉ । ପ୍ରାଥମିକ ଅବସ୍ଥାରେ ଖାଲି କୌଣସି ଲିପି ମାଧ୍ୟମରେ ଶିକ୍ଷା ଦେଇଦେଲେ ହେବନାହିଁ,

ସେ ପିଲମାନଙ୍କୁ ତତ୍ ସଙ୍ଗେ ସଙ୍ଗେ ସେ ଲିପିର ଆନୁସଙ୍ଗିକ ବ୍ୟବହାର ସମ୍ପର୍କରେ ବିଜ୍ଞାନ ଭିତ୍ତିକ ଶିକ୍ଷା ଦେଲେ ତାହା ଅଧିକ ଫଳପ୍ରଦ ହେବ । ମୟୂରଭଞ୍ଜ ଜିଲାରେ ସାନ୍ତାଳମାନଙ୍କର ମେଜେରେଟି ରହିଛି ଓ ତାଙ୍କର ଲିପି ଶ୍ରୀ ରଘୁନାଥ ମୁର୍ମୁ ବାହାର କରିଛନ୍ତି । ସେହିପରି 'ହୋ' ମାନଙ୍କର ଲିପି ଅଛି ଏବଂ 'ଓରମ' ମାନଙ୍କର ମଧ୍ୟ ଗୋଟିଏ ଲିପି ଅଛି । ତେଣୁ ଗୋଟିଏ ସେଣ୍ଟର୍ କରି ପ୍ରାଥମିକ ଶିକ୍ଷକମାନଙ୍କୁ ଯଦି ବିଭିନ୍ନ ଲେକାଲ ଡ଼ାଇଲେକଟ୍‌ସ୍‌ରେ ୨-୩ ମାସ ଟ୍ରେନିଂ ଦିଆଯାଏ, ତେବେ ପ୍ରାଥମିକ ଶିକ୍ଷାଦାନ ତ୍ୱରାନ୍ୱିତ ହୋଇପାରିବ ବୋଲି ମୋର ବିଶ୍ୱାସ । ପ୍ରାଥମିକ ଶିକ୍ଷା ପ୍ରଣାଳୀକୁ ସେକେଣ୍ଡାରୀ ଏଡୁକେସନ୍ ପର୍ଯ୍ୟନ୍ତ ଯଦି ବର୍ଦ୍ଧିତ କରଯାଏ ତେବେ ଭଲ ହୁଅନ୍ତା । କାରଣ ଆମ ପିଲମାନଙ୍କ ଭିତରେ ବହୁତ ଡ୍ରପ୍ ଆଉଟ୍ ହେଉଛି ଓ ସେମାନେ ଉଚ୍ଚ ଶିକ୍ଷା ପାଇପାରୁ ନାହାନ୍ତି । ତେଣୁ ପ୍ରାଥମିକ ସ୍କୁଲ ଗୁଡ଼ିକୁ ଯଥେଷ୍ଟ ପରିମାଣର ବିଜ୍ଞାନ ଶିକ୍ଷା ଉପକରଣ ଯୋଗାଇ ଦିଆଯାଉ ଓ ପିଲମାନଙ୍କୁ ଜୁନ୍-ଜୁଲାଇ ମାସ ସୁଦ୍ଧା ସେମାନଙ୍କର ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉ । ଏହା ସଙ୍ଗେ ସଙ୍ଗେ ସରକାର ସେମାନଙ୍କର କଲଚର୍ ଅକ୍‌ଟିଭିଟିକୁ ଗୁରୁତ୍ୱ ଦେଇ ଏ ଶିକ୍ଷା ଭିତରେ ଆଇଟ୍‌ଓ୍ୱାର୍ଡ ଆକ୍‌ଟିଭିଟି ଭବରେ ଗ୍ରହଣ କରି ସେମାନଙ୍କୁ ବାଦ୍ୟଯନ୍ତ୍ର ଓ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେଲେ ସେମାନେ ଶିକ୍ଷା ପ୍ରତି ଅଧିକ ଆକୃଷ୍ଟ ହୋଇ ପାରିବେ ।

## ଶ୍ରୀ ବୃନ୍ଦାବନ ପଥୁରିଆ

(ବାଥୁଡ଼ି ସମ୍ପ୍ରଦାୟ)

ଆମର କେତୋଟି ଜାତିର ଭାଷା ଓଡ଼ିଆ ସହିତ ପ୍ରାୟ ସମାନ । ତେଣୁ ଆମ ଭାଷାର ଲିପି ନାହିଁ । ଅନ୍ୟ ଭାଷାରେ ଶିକ୍ଷା ଦେବାର ଆବଶ୍ୟକତା ନାହିଁ । ଆମର ଓଡ଼ିଆ ଭାଷା ରହିଲେ ଭଲ ହେବ । ଆମର ଏତେଗୁଡ଼ିଏ ଭାଷାଭାଷୀର ଜାତି ଅଛନ୍ତି ଯେ ଯାହାଫଳରେ କୌଣସି ନିର୍ଦ୍ଦିଷ୍ଟ ଭାଷାରେ ଶିକ୍ଷାଦେଲେ ଅସୁବିଧା ହେବ । ସାନ୍ତାଳୀ ଭାଷାରେ ଶିକ୍ଷା ଦେଲେ ବାଥୁଡ଼ି ଏବଂ ମାଙ୍କଡ଼ିଆ ଶ୍ରେଣୀର ପିଲମାନେ ଅସୁବିଧାରେ ପଡ଼ିବେ । ଯଦି ଗୋଟିଏ ଭାଷାର ଲିପି ପ୍ରଚଳନ କରଯାଏ ତାହାହେଲେ ଆପଣଙ୍କର ଯେଉଁଠାରେ

୫୦ ଭାଗରୁ ଅଧିକ ପିଲା ସେହି ସମ୍ପ୍ରଦାୟର ଥିବେ ସେଠାରେ ଏହି ଭାଷାରେ ଶିକ୍ଷା ଦିଆଯାଉ । ଯଦି ସାନ୍ତାଳୀ ଭାଷାରେ ଶିକ୍ଷା ଦିଆଯାଏ ତା'ହେଲେ ଯେଉଁ ଶିକ୍ଷକ ସାନ୍ତାଳୀ ଭାଷା ଶିଖିଥିବ ସେଭଳି ଶିକ୍ଷକମାନଙ୍କୁ ସେଠାରେ ନିଯୁକ୍ତ କରାଯାଉ ।

## ଶ୍ରୀ ଲସ ମାଝି

(ସାନ୍ତାଳୀ ସମ୍ପ୍ରଦାୟ)

ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ସମ୍ପର୍କରେ ଏହି ଆଲୋଚନା ଚକ୍ରରେ ମୁଁ କହିବାକୁ ଚାହେଁ ଯେ ମୟୂରଭଞ୍ଜରେ ବହୁତ ପ୍ରକାର ଆଦିବାସୀ ଭାଷା ପ୍ରଚଳିତ ଅଛି । କିନ୍ତୁ ପ୍ରକୃତରେ ସ୍ୱତନ୍ତ୍ରଭାବେ ଯେଉଁ ଆଦିବାସୀମାନେ ଆଦିବାସୀ ଭାଷା କହନ୍ତି ସେମାନେ ହେଉଛନ୍ତି ମୁଣ୍ଡା, କୋହ୍ଲ, ମାହାଲୀ, ବିରହୋର (ମାଙ୍କିଡ଼ିଆ) ଓ ସାନ୍ତାଳ । ଅନ୍ୟ ଯେଉଁ ଆଦିବାସୀମାନେ ଅଛନ୍ତି ସେମାନେ ଓଡ଼ିଆରେ କଥାବାର୍ତ୍ତା କରନ୍ତି । ଭୂୟାଁ, ଗଣ୍ଡ, ଚଅଁଳା ଏବଂ ବାଥୁଡ଼ି ଆଦିବାସୀମାନେ ଘରେ ଗୋଟିଏ ଭାଷାରେ କଥାବାର୍ତ୍ତା ହୁଅନ୍ତି । ତେଣୁ ଏମାନଙ୍କର ମାତୃଭାଷା ଗୋଟିଏ ବୋଲି ଧରିବାକୁ ହେବ । ମୟୂରଭଞ୍ଜ ଜିଲ୍ଲାରେ ଏହି ଶ୍ରେଣୀର ଆଦିବାସୀ ପୁଅ, ଝିଅମାନେ ପ୍ରାଥମିକ ସ୍ତରରେ ଓଡ଼ିଆ ଭାଷାରେ ପାଠ ପଢିବାରେ ଅସୁବିଧା ନାହିଁ । ଏହି ମନ୍ତବ୍ୟ ଉପରେ ଉପସ୍ଥିତ ଉକ୍ତ ଶ୍ରେଣୀର ସଭ୍ୟମାନେ ତାଙ୍କର ମତ ପ୍ରକାଶ କରିବେ । ମୁଣ୍ଡା, କୋହ୍ଲ ଓ ମୁଣ୍ଡାରୀ ଶ୍ରେଣୀର ଆଦିବାସୀ ମଣ୍ଡାରୀ ଭାଷା କହନ୍ତି । ମାହାଲୀ, ବିର୍‌ହୋର ଓ ସାନ୍ତାଳୀ ଆଦିବାସୀମାନେ ସାନ୍ତାଳୀ ଭାଷା କହନ୍ତି । ତେଣୁ ଏହି ଶ୍ରେଣୀର ଆଦିବାସୀ ପୁଅ ଝିଅମାନେ ଉକ୍ତ ଭାଷାରେ କଥାବାର୍ତ୍ତା କରନ୍ତି । ତାଙ୍କର ଜିଭ ଗଠନ ପ୍ରଣାଳୀ ଏହି ଭାଷାକୁ ଉଚ୍ଚାରଣ କରିବାରେ ଅଭ୍ୟସ୍ତ ହୋଇଯାଇଥାଏ ଓ ସେମାନେ ବିଷୟବସ୍ତୁ ସହିତ ପରିଚିତ ହୋଇଥାନ୍ତି । ଉପରୋକ୍ତ କାରଣ ହେତୁ ମୁଣ୍ଡାରୀ ଓ ସାନ୍ତାଳୀ ଭାଷା କହୁଥିବା ପିଲାମାନଙ୍କୁ ସିଧାସଳଖ ଓଡ଼ିଆରେ ପ୍ରାଥମିକ ସ୍ତରରେ ଶିକ୍ଷାଦେବାର ଅସୁବିଧା ରହିଛି । ପିଲାକୁ ପ୍ରଥମରେ ଓଡ଼ିଆ କଥା (ପଦ)ମାନ ଉଚ୍ଚାରଣ କରିବାକୁ ପୁନରାୟ ନିଜର ଜିଭକୁ ସଜାଡ଼ିବାକୁ ହୁଏ ଏବଂ ବିଷୟବସ୍ତୁ

ସହିତ ପରିଚିତ ହେବାକୁ ହୁଏ । ସେମାନେ ଅଣଆଦିବାସୀ ଶିକ୍ଷକଙ୍କ ସହିତ କଥା ହେବାକୁ ଭୟ କରନ୍ତି । ଓଡ଼ିଆ କଥା ନବୁଝିପାରିବାରୁ ଅନ୍ୟ ଅଣ-ଆଦିବାସୀ ଶିକ୍ଷକଙ୍କ ସହିତ ଏହି ପିଲମାନେ କଥାବାର୍ତ୍ତା କରି ନପାରିବାରୁ ନିଜକୁ ଅସହାୟ ମଣନ୍ତି । ପାଠପଢ଼ିବା ପ୍ରତି ସେମାନଙ୍କର ଆଗ୍ରହ କମିଯାଏ । ଏମାନଙ୍କ ଉପରେ ଅଧିକ ଚାପ ପଡ଼ିଲେ ସ୍କୁଲକୁ ଆସିବା ବନ୍ଦ କରିଦିଅନ୍ତି । ଏଣୁ ମୁଣ୍ଡାରୀ ଓ ସାନ୍ତାଳୀ ଭାଷାଭାଷୀର ସହାୟତା ନେଇ ପ୍ରାଥମିକ ପାଠ୍ୟପୁସ୍ତକ ରଚନା କରିବା ଓ ସେହି ପୁସ୍ତକକୁ ପ୍ରାଥମିକ ବିଦ୍ୟାଳୟରେ ପ୍ରଚଳନ କରିବାର ଆବଶ୍ୟକତା ଉପଲବ୍ଧି ହେଉଛି । ସେଥିପାଇଁ ପ୍ରାଥମିକ ସ୍ତରରେ ଦୋଭାଷୀ ଶିକ୍ଷକଙ୍କର ଆବଶ୍ୟକତା ରହିଛି । ସାନ୍ତାଳୀରେ ପ୍ରାଥମିକ ସ୍ତରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଅଲଚିକ୍‌ରେ ପିଲମାନଙ୍କୁ ପଢ଼ାଇବାରେ ପାଠ୍ୟ ପୁସ୍ତକ ରଚନା କରଯାଇଛି । ଏହି ଲିପିରେ ସାନ୍ତାଳୀ ଭାଷାର ଉଚ୍ଚାରଣ ଶୁଦ୍ଧି ହେଉଛି । କିନ୍ତୁ ମୋ ଜାଣିବାରେ ସରକାରୀ ସ୍ତରରେ ଏହି ଲିପିରେ ପାଠ୍ୟପୁସ୍ତକ ପ୍ରଚଳନ ପାଇଁ ଏପର୍ଯ୍ୟନ୍ତ ସେମାନେ ସମର୍ଥ ହୋଇନାହାନ୍ତି । ଏଣୁ ବର୍ତ୍ତମାନ ଏହି ଶ୍ରେଣୀର ପିଲମାନଙ୍କୁ ଆଞ୍ଚଳିକ ଲିପିର ଆଶ୍ରୟ ନେଇ ପାଠ ଶିଖାଇବାକୁ ହେବ । ଏହି ପରିପ୍ରେକ୍ଷୀରେ କର୍ତ୍ତୃପକ୍ଷଙ୍କ ପରାମର୍ଶ ଦିଆଯାଇ ପାରେ ଯେ,

(୧) ପ୍ରାଥମିକ ସ୍ତରରେ ସମ୍ପୃକ୍ତ ଅଞ୍ଚଳ ପାଇଁ ଏହିପରି ଭାବରେ ପ୍ରାଥମିକ ପାଠ୍ୟପୁସ୍ତକ ପ୍ରସ୍ତୁତ କରନ୍ତୁ ଯାଦ୍ୱାରାକି ମୁଣ୍ଡାରୀ ଓ ସାନ୍ତାଳୀ ଭାଷାଭାଷୀ ଆଦିବାସୀ ଛାତ୍ର ଛାତ୍ରୀମାନେ ଆଗ୍ରହ ସହକାରେ ଅକ୍ଷର ଶିକ୍ଷାକରି ପାରିବେ ଓ ଆଞ୍ଚଳିକ ଭାଷା ସାହିତ୍ୟ ମଧ୍ୟକୁ ପ୍ରବେଶ କରିବାକୁ ସମର୍ଥ ହେବ ।

(୨) ଏଥିପାଇଁ ଉପଯୁକ୍ତ ସମ୍ବେଦନଶୀଳ ଓ ଦୋଭାଷୀ ଶିକ୍ଷକଙ୍କୁ ଉକ୍ତ ଅଞ୍ଚଳରେ ନିଯୁକ୍ତି ଦେବାର ବ୍ୟବସ୍ଥା କରିବେ । ମୁଁ ଏଠାରେ ସୂଚାଇ-ଦେବାକୁ ଚାହେଁ ଯେ ସାନ୍ତାଳୀ କହୁଥିବା ଆଦିବାସୀମାନେ ମୟୂରଭଞ୍ଜର ବାମନଘାଟି ସବର, କପ୍ତିପଦା ସବ୍‌ଡ଼ିଭିଜନ ଓ ପାଞ୍ଚପୀଢ଼ ସବ୍‌ଡ଼ିଭିଜନର ଠାକୁରମୁଣ୍ଡା ଏବଂ ଯଶିପୁର ବ୍ଲକ ଅଞ୍ଚଳରେ ବହୁଳ ଭାବରେ ବସବାସ କରନ୍ତି । ଏ ଅଞ୍ଚଳରେ ପ୍ରାଥମିକ ସ୍ତରରେ ସାନ୍ତାଳୀ ଉପରେ ଜୋର ଦେଇ

ପ୍ରାଥମିକ ଶିକ୍ଷାଦାନର ବ୍ୟବସ୍ଥା କରିବାର ଅନୁଭବ କରୁଅଛୁ । ମୁଣ୍ଡାରୀକୁ ସମ୍ମାନ ଦେଇ ମୁଁ ସୂଚାଇ ଦେବାକୁ ଚାହେଁ ଯେ ଏହି ଭାଷା କହୁଥିବା ଆଦିବାସୀମାନେ ମୟୂରଭଞ୍ଜର ପାଞ୍ଚପିଢ଼ ସବ୍‌ଡିଭିଜନର କରଂଜିଆ, ଖୁଣ୍ଟୁଲି, ରଗୁଆଁ ପଞ୍ଚାୟତ ସମିତି ଅଞ୍ଚଳର ବିହାର ସୀମାକୁ ଲାଗିଥିବା ଯଶିପୁର ଓ ବାଦାମପାହାଡ଼ ପଞ୍ଚାୟତ ସମିତି ଅଞ୍ଚଳରେ ବହୁଳ ପରିମାଣରେ ବସବାସ କରନ୍ତି । ଏଣୁ ଏ ଅଞ୍ଚଳରେ ପ୍ରାଥମିକ ସ୍ତରରେ ମୁଣ୍ଡାରୀ ଉପରେ ଜୋର ଦେଇ ପ୍ରାଥମିକ ପାଠ୍ୟ ଦାନର ବ୍ୟବସ୍ଥା କରିବାର ବ୍ୟକ୍ତ କରିବାକୁ ମୁଁ ଅନୁରୋଧ କରୁଅଛି ।

ବର୍ତ୍ତମାନର ବିଜ୍ଞାନ ଓ କାରିଗରୀ ଯୁଗରେ କିପରି ଏହି ଅଞ୍ଚଳର ଛାତ୍ର ଛାତ୍ରୀମାନଙ୍କୁ ଅନ୍ୟମାନଙ୍କ ସହିତ ସମକକ୍ଷ କରଯାଇ ପାରିବ ସେ ବିଷୟରେ ମୁଁ କହିବାକୁ ଚାହେଁ । ସରକାର ନିର୍ଣ୍ଣୟ କରିଛନ୍ତି ଯେ ଆଦିବାସୀ ଛାତ୍ର ଛାତ୍ରୀଙ୍କର ଚେତନାଶକ୍ତି ଏବଂ ମସ୍ତିଷ୍କରେ ପାଠ ଧରି ରଖିବାର ଶକ୍ତି ସାଧାରଣତଃ ଅନ୍ୟମାନଙ୍କଠାରୁ ଊଣା । ଏଣୁ ସାଧାରଣ ଛାତ୍ର ଛାତ୍ରୀଙ୍କଠାରୁ ଆଦିବାସୀ ଛାତ୍ର ଛାତ୍ରୀମାନଙ୍କର ଶିଖିବା ଓ ବୁଝିବା ଶକ୍ତିର ତାରତମ୍ୟକୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କୋହଳ ନୀତିରେ ସରକାର ରଖିଛନ୍ତି । ଆଦିବାସୀ ଛାତ୍ର ବା ଛାତ୍ରୀ ଶିକ୍ଷାର୍ଜନ ପରେ ସେ ଯେଉଁ ଶିଖିବା ଶକ୍ତି ଓ ବୁଝିବା ଶକ୍ତି ଆସର୍ଭ କରୁଛି ତାକୁ ଭିତ୍ତିକରି ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ଅନ୍ୟମାନଙ୍କ ସହିତ ସମକକ୍ଷ କରିବା ପାଇଁ ଆଦିବାସୀ ଛାତ୍ର ବା ଛାତ୍ରୀକୁ ସ୍ୱତନ୍ତ୍ର ଭାବରେ ଆବଶ୍ୟକତା ଅନୁଯାୟୀ ଅଧିକ ସମୟ ସହାୟତା ଦେଇ ତାଲିମ ଦେବାର ବ୍ୟବସ୍ଥା କରିପାରିଲେ ମୁଁ ଅନୁଭବ କରୁଛି ଆଦିବାସୀ ଛାତ୍ର ଓ ଛାତ୍ରୀମାନେ ସେମାନଙ୍କ ସହିତ ସମକକ୍ଷ ହୋଇପାରିବେ ।

## ଶ୍ରୀ ଲକ୍ଷ୍ମଣ ସିଂ ପୂର୍ତ୍ତି

(ହୋ ସମ୍ପ୍ରଦାୟ)

ମନୁଷ୍ୟ ଜୀବନରେ ଶିକ୍ଷା ହେଉଛି ଗୋଟିଏ ବଡ଼ ଜିନିଷ । ପ୍ରତ୍ୟେକ ମନୁଷ୍ୟ ଯେ କୌଣସି ଜାତି ହେଉନା କାହିଁକି ଯେ କୌଣସି ଭାଷାରେ

ଶିକ୍ଷାଲାଭ କରିପାରେ । ସେଥିରେ କୌଣସି ଅସୁବିଧା ନାହିଁ । କିନ୍ତୁ ଆଦିବାସୀ ଗୋଟିଏ ଜାତି ଯେଉଁ ଜାତିର ଭାଷା ବା ସଂସ୍କୃତି ଉପରେ ଯଦି ଗୋଟିଏ ଶବ୍ଦ ଭୁଲ ହୁଏ ତାର ମିନିଂଗ୍ ବା ଅର୍ଥ ସମ୍ପୂର୍ଣ୍ଣ ବିପରୀତ ହୋଇଯିବ । ତେଣୁ ଏହି ପରିସ୍ଥିତିରେ ଆଦିବାସୀ ସଂଖ୍ୟାଧିକ ଅଞ୍ଚଳରେ ତାଙ୍କ ଭାଷାରେ ଶିକ୍ଷା ଦିଆଯିବା ଉଚିତ୍ । ମୁଣ୍ଡାରୀ ଭାଷାଭାଷୀ ଅଞ୍ଚଳରେ ତାଙ୍କ ଭାଷାରେ ଶିକ୍ଷା ଦିଆଯିବା ଉଚିତ୍ କାରଣ ମୁଣ୍ଡାରୀ ଭାଷାରେ ତାଙ୍କର ଲିପି ଅଛି । ଆମେ ଭକପଦରବାଲି ପଣ୍ଡିତଙ୍କର ଭାଷା ଗ୍ରହଣ କରୁଅଛୁ ।

## ଶ୍ରୀ ରବୀନ୍ଦ୍ର ମୋହନ ସେନାପତି

ଯେଉଁଠି ସାନ୍ତାଳୀ ଏବଂ ମୁଣ୍ଡାରୀ ଅଛନ୍ତି ସେଠାରେ କିପରି ପଢ଼ାଯାଇ ପାରିବ ?

## ଶ୍ରୀ ଲକ୍ଷ୍ମଣ ସିଂ ପୂର୍ତ୍ତି

ଆସାମରେ ଯେପରି ଦେବନାଗରୀ ଏବଂ ବେଙ୍ଗଲରେ ବେଙ୍ଗଲି ଭାଷାରେ ପ୍ରାଥମିକ ଶିକ୍ଷାଦାନ ହେଉଛି ଏବଂ ସେଠାରେ ମଧ୍ୟ 'ହୋ' ଏବଂ ସାନ୍ତାଳମାନେ ଅଛନ୍ତି । କିନ୍ତୁ ତାଙ୍କର ମାଧ୍ୟମ ହେଉଛି ହିନ୍ଦୀ । ଆମର ଏଠି ଯଦି ଆଦିବାସୀମାନଙ୍କୁ ଶିକ୍ଷାଦାନ କରଯାଏ ତାହେଲେ ଓଡ଼ିଆ ମାଧ୍ୟମରେ ଶିକ୍ଷା ଦେଲେ ସେମାନେ ଖୁସି ହେବନାହିଁ । ଆମ ଭାଷାର ଉନ୍ନତି କରିବାକୁ ହେଲେ ଏବଂ ଆମ ଜାତିକୁ ଉଠାଇବାକୁ ହେଲେ ଭବିଷ୍ୟତରେ ଦେବନାଗରୀ ଭାଷା ପ୍ରାଧାନ୍ୟ ଲାଭ କରିବା ଉଚିତ୍ । ତା ସଙ୍ଗେ ସଙ୍ଗେ ଇଣ୍ଟରନାସ୍ନାଲ୍ ଲାଙ୍ଗ୍ୱେଜ ଭାବରେ ଇଂରାଜୀକୁ ମଧ୍ୟ ରଖିବାକୁ ପଡ଼ିବ । ଆମର ଜେନେରାଲ ଏଡ୍ୟୁକେସନ୍‌ରେ ପିଲମାନେ ପାଠପଢି ପାରନ୍ତି ନାହିଁ । ବଡ଼ ବଡ଼ ଧନୀ ଘରର ପିଲମାନେ ଫରେନ ଯାଇକରି କାରିଗରୀ ବିଦ୍ୟା ଶିକ୍ଷା କରି ପାରିବେ । ତେଣୁ ଇଣ୍ଟରନାସ୍ନାଲ ଲାଙ୍ଗ୍ୱେଜକୁ ମଧ୍ୟ ନେଗଲେକ୍ଟ କଲେ ଚଳିବ ନାହିଁ ।

## ଶ୍ରୀ ଛୁଟାଇ ସୋରେନ୍

(ସାନ୍ତାଳ)

ଏଡୁକେସନ ଯେ କୌଣସି ନୀତି ମାଧ୍ୟମରେ ଦିଆଯାଇ ପାରେ। କିନ୍ତୁ ଆଦିବାସୀ ସମ୍ପ୍ରଦାୟର ପିଇମାନଙ୍କୁ ତାଙ୍କ ନିଜର ମାତୃଭାଷାକୁ ଯଦି ଆଉ ଗୋଟିଏ ଲିପି ମାଧ୍ୟମରେ ଶିକ୍ଷା ଦେବାର ବ୍ୟବସ୍ଥା କରଯାଏ ତାହେଲେ ସେଇଟା ଠିକ୍ ହେବ ନାହିଁ। କାହିଁକିନା ଓଡ଼ିଆ ଲିପି ମାଧ୍ୟମରେ ଯଦି ଆଦିବାସୀ ଭାଷା ଲେଖାଯାଏ ତାହେଲେ ଆଦିବାସୀ ଭାଷାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ ଏବଂ ସେମାନଙ୍କ ମନ ଭିତରେ ଦାସତ୍ୱ ମନୋଭବ ସୃଷ୍ଟି କରିବ । ଓଡ଼ିଶାରେ ଆମର ଯେତୋଟି ସାନ୍ତାଳ ଲୋକ ଅଛନ୍ତି ଆମେ ତାଙ୍କ ସମ୍ପର୍କରେ ଭାବୁନାହୁଁ । ଆମେ ସାରା ଭରତ ବର୍ଷରେ ଯେତେ ସାନ୍ତାଳ ଲୋକ ଅଛନ୍ତି ସେହିମାନଙ୍କ କଥାକୁ ଆଖି ଆଗରେ ରଖି ଏକ ଲିପି ମାଧ୍ୟମରେ ଶିକ୍ଷାଦେବାର ବ୍ୟବସ୍ଥା କରଯାଉ ବୋଲି କେନ୍ଦ୍ର ସରକାରଙ୍କୁ ଆମେ ଅନେକ ଥର ମେମୋରଣ୍ଡମ୍ ଦେଇଛୁ । ଆପଣମାନେ ଜାଣନ୍ତି, ପଶ୍ଚିମବଙ୍ଗ ସରକାର ସାନ୍ତାଳୀ ଭାଷାକୁ ସ୍ୱୀକୃତି ଦେଇଛନ୍ତି । ଏବାକୁ ମଧ୍ୟ ସେମାନେ ସ୍ୱୀକୃତି ଦେଇଛନ୍ତି ଓ ପୁସ୍ତକ ମଧ୍ୟ ପ୍ରିଣ୍ଟିଂ କରିସାରିଛନ୍ତି । ସମ୍ବିଧାନର ୨୯ (ଏ) ଧାରାରେ ସ୍ୱତନ୍ତ୍ର ଭାବରେ ଯାହା ଲିପିବଦ୍ଧ ହୋଇଛି ତାକୁ ସରକାର ମାନିବା ପାଇଁ ନାରାଜ୍ । ଏହାଠାରୁ ଅଧିକ ଦୁଃଖଦାୟକ କଥା କ'ଣ ହୋଇପାରେ । ଆମର ସାନ୍ତାଳୀ ଭାଷାରେ ଲିପି ଆବିଷ୍କାର ହେବା ପୂର୍ବରୁ ଆମର ଯେଉଁ ବୁଢ଼ାମାନେ ଥିଲେ ସେମାନେ କହନ୍ତି ପୂର୍ବକାଳରେ ଏହି ଲିପି ଥିଲା । କିନ୍ତୁ କାଳକ୍ରମେ ତାହା ଲୋପ ପାଇଯାଇଛି ।

( ଏ କୋଟେସନ ଇନ୍ ହିନ୍ଦୀ ଲାଙ୍ଗୁଏଜ ଫ୍ରମ୍ ବୁକ୍ ଓ୍ୱାଜ ରେଡ୍ଆଉଟ୍ ହୁଇଚ୍ ଓ୍ୱାଜ୍ ନଟ ରେକର୍ଡେଡ )

ସେ ସମୟରେ ଗୋଷ୍ଠୀଗତ ଭାବରେ ସାନ୍ତାଳୀ ଭାଷାର ଉନ୍ନତି ହୋଇଥିଲା । କିନ୍ତୁ କାଳକ୍ରମେ ତାହା ଲୋପ ପାଇଯାଇଛି । ସେ ଯାହା ହେଉ ଆମର ପଣ୍ଡିତ

ରଘୁନାଥ ମୁର୍ମୁ ବହୁତ କଷ୍ଟକରି ଯେଉଁ ଲିପି ବାହାର କଲେ ଯାହାକି ସବୁ ଦିଗରେ ସୁଇଟେବୁଲ ବୋଲି ଗ୍ରହଣ କରଯାଉଛି । ବିହାର ବେଙ୍ଗଲ, ଆସାମ ଏବଂ ଓଡ଼ିଶାରେ ଯେଉଁ ଆଦିବାସୀ ଲୋକ ଅଛନ୍ତି ବିଶେଷ କରି ସାନ୍ତାଳମାନେ ତାକୁ ଗ୍ରହଣ କରିଛନ୍ତି । ଆମେ ଭବୁନାହୁଁ ଯେ ସରକାର ଏକଥା ଗ୍ରହଣ କରିବେ କି ନକରିବେ । ଆମ ତରଫରୁ ସାନ୍ତାଳ ପିଲମାନଙ୍କୁ ସାନ୍ତାଳୀଭାଷା ମାଧ୍ୟମରେ ଶିକ୍ଷା ଦେବାପାଇଁ ଆମ ଅନୁଷ୍ଠାନ ତରଫରୁ କାର୍ଯ୍ୟକ୍ରମ ରହିଛି ଏବଂ ଆମେ ତାହା ଗ୍ରହଣ କରିବୁ ।

## ଶ୍ରୀ ରବୀନ୍ଦ୍ର ମୋହନ ସେନାପତି

ତାକୁ କେଉଁ କ୍ଲାସ ପର୍ଯ୍ୟନ୍ତ ଦେବେ ?

## ଶ୍ରୀ ଛୁଟ୍ରାଇ ସୋରେନ୍

ତାକୁ ହାଇ କ୍ଲାସ ଅର୍ଥାତ୍ ଅପ୍ ଟୁ ମାଟ୍ରିକ ପର୍ଯ୍ୟନ୍ତ ଦିଆଯିବ । ଆମ ସାନ୍ତାଳୀ ଭାଷାରେ ବ୍ରିଟିଶ ସମୟରେ ଅନେକ ଗୁଡ଼ିଏ ଇଂରାଜୀ ଏବଂ ରୋମାନ ଲିପିରେ ପୁସ୍ତକ ଲେଖା ହୋଇ ରହିଛି । କେତେ ଗୁଡ଼ିଏ ବହି ଲଣ୍ଡନରେ ଛପା ହୋଇଛି । କେତେ ଗୁଡ଼ିଏ ଦିଲ୍ଲୀରେ ଏବଂ ଆଉ କେତେଗୁଡ଼ିଏ ବନାରସରେ ଛପା ହୋଇ ରହିଛି । ଏହି ହିସାବରେ ସାନ୍ତାଳୀ ଭାଷାର କିଛି ନାହିଁ ବୋଲି କହିବା ଠିକ୍ ନୁହେଁ । ଆମର ସ୍ୱର୍ଗତ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ ଯଦି ଆଦିବାସୀମାନଙ୍କର ସ୍ୱତନ୍ତ୍ର ଭାଷା ଥାଏ ଆମେ ତାକୁ ଗ୍ରହଣ କରିବୁ । ଶ୍ରୀ ସୁନୀତି କୁମାର ଚଟାର୍ଜୀ କହୁଥିଲେ ଗୋଟିଏ ଦେଶର ଉନ୍ନତି ପାଇଁ ଗୋଟିଏ ଭାଷାର ଉନ୍ନତି ନିହାତି ଦରକାର । ଆମ ଓଡ଼ିଶାରେ ଓଡ଼ିଆ ଲିପିରେ ଯଦି ସାନ୍ତାଳୀ ପିଲମାନଙ୍କୁ ପଢ଼ାଯାଏ ତାହେଲେ ଛୋଟ ଛୋଟ ୩/୪ ବର୍ଷର ପିଲମାନେ ଯେଉଁ ହିସାବରେ ଭାଷା କହୁଛନ୍ତି ସେମାନେ ତାକୁ ଶୁଦ୍ଧକରି ପଢି ପାରିବେ ନାହିଁ । ଆମ ଦେଶରେ ଆଦିବାସୀ ସମ୍ପ୍ରଦାୟର ସଂଖ୍ୟା ହିସାବରେ ସାନ୍ତାଳମାନଙ୍କର ସଂଖ୍ୟା ବେଶୀ । ଅନ୍ୟ ଭାଷାଭାଷୀ ଆଦିବାସୀ ସମ୍ପ୍ରଦାୟ ଲୋକମାନଙ୍କର ସ୍ୱତନ୍ତ୍ର ଲିପି ନାହିଁ । ସେମାନେ ଯଦି ଶିଖିବେ ଏହି ଲିପି ମାଧ୍ୟମରେ ତାଙ୍କ ଭାଷାର ଉନ୍ନତି

କରିପାରିବେ । କାହିଁକି ନା ଆମ ଅନୁଷ୍ଠାନର ଯେଉଁ ବାଇ-ଲ ଅଛି ସେଥିରେ ପ୍ରୋଭିଜନ ରଖାଯାଇଛି ସେ ହିସାବରେ ଆମର ଯେଉଁ ଲିଙ୍ଗୁଆଫ୍ରାଙ୍କା, ମାନେ ହୋ ଭଷା ଥିବ । ସାନ୍ତାଳୀ ଭଷା ଥିବ, ମୁଣ୍ଡାରୀ ଭଷା ଥିବ କିମ୍ବା ଅନ୍ୟାନ୍ୟ ଭଷା ଥିବ । ଏ ଅଲଚିକି ଲିପି ମାଧ୍ୟମରେ ନିଜର ଭଷାର ଉନ୍ନତି ପାଇଁ ଆମର ଚେଷ୍ଟା ଚାଲିଛି ।

## ଶ୍ରୀ ରବୀନ୍ଦ୍ର ମୋହନ ସେନାପତି

ଏଇଟା ଆପଣ କହୁଛନ୍ତି ନୂଆକରି ନା ସେମାନେ ଗ୍ରହଣ କରିଛନ୍ତି ?

## ଶ୍ରୀ ଛୁଟ୍ଟାଇ ସୋରେନ୍

ତାକୁ କେତେକ ଆକ୍‌ସେପ୍‌ଟ କରିଛନ୍ତି ଏବଂ ଆଉ କେତେକ ଆକ୍‌ସେପ୍‌ଟ କରିନାହାନ୍ତି । ଆକ୍‌ସେପ୍‌ଟ ନକଲେ ବି ଆମର କିଛି ଅସୁବିଧା ନାହିଁ । କାରଣ ଆମେ ସାରା ଭରତ କଥା ଭବୁଛୁ । କେବଳ ଓଡ଼ିଶା କଥା ଭବୁନାହୁଁ । ଆମର ଯେଉଁ ପାଠ୍ୟକ୍ରମର ବ୍ୟବସ୍ଥା କରଯାଇଛି ସେଥିରେ ଆମେ ୩ଟା ଭଷାରେ ଶିକ୍ଷା ଦେବାକୁ ଯାଉଛୁ । ସେଥିରେ ଇଣ୍ଟରନାସନାଲ ଲାଙ୍ଗୁଏଜ୍ ଇଂରାଜୀ ରହିବ । ନାସ୍‌ନାଲ ଲାଙ୍ଗୁଏଜ୍ ହିସାବରେ ହିନ୍ଦୀ ରହିବ ଏବଂ ଆଉ ଗୋଟିଏ ମଦରଟଙ୍ଗ୍ ହିସାବରେ ସାନ୍ତାଳୀ ଭଷା ରହିବ । ନାସ୍‌ନାଲ ଲାଙ୍ଗୁଏଜକୁ ଦୁଇ ଭଗରେ ବିଭକ୍ତ କରଯିବ । ସେଥିରେ ୫୦% ରହିବ ଓଡ଼ିଆ ଏବଂ ୫୦% ରହିବ ହିନ୍ଦୀ । ଆମ ଓଡ଼ିଶାରେ ନନ୍-ଓରିୟା-ମାନେ ହିନ୍ଦୀ ମାଧ୍ୟମରେ ଶିକ୍ଷା ପାଉଛନ୍ତି ଏବଂ ସେମାନେ ଥେୟର-ଓରିୟା ପଢୁଛନ୍ତି । କିନ୍ତୁ ତାଙ୍କ ମଦର-ଟଙ୍ଗ୍ ହିନ୍ଦୀ ରହୁଛି ଏବଂ ୫୦% ମାର୍କ ସଂସ୍କୃତ ରଖାଯାଇଛି । ସେ ହିସାବରେ କୌଣସି ଭଷା ଉପରେ କୁଠାରଘାତ କରିବାକୁ ଆମର ଇଚ୍ଛା ନୁହେଁ । ସବୁ ଭଷାର ଉନ୍ନତି କରିବାକୁ ଯଦି ସରକାରଙ୍କର ଇଚ୍ଛା ଅଛି ତାହେଲେ ସେଥିପାଇଁ ବ୍ୟବସ୍ଥା କରଯିବ । ସେଥିପାଇଁ ମୁଁ କହୁଛି ମୋତେ ଅନେକ ଲୋକ ପ୍ରଶ୍ନ କରୁଛନ୍ତି ଯେ ସାନ୍ତାଳୀ ଭଷାରେ ଶିକ୍ଷାଦାନ ହେଲେ ଅପଣ କିପରି କମ୍ପିଟେଟିଭ ଏକ୍‌ଜାମିନେସନ୍‌ରେ ପାଶ

କରିବେ । କର୍ମଚେଟିଭି ଏକ୍‌ଜାମିନେସନ୍ ସାନ୍ତାଳୀ ଭାଷାରେ ହେବାର ନାହିଁ ତାହା ଇଂରାଜୀରେ ହେବ । କେତେ ଗୁଡ଼ିଏ ପରୀକ୍ଷା ହିନ୍ଦୀରେ ହେଉଛି । ଯେଉଁମାନେ ହିନ୍ଦୀ ପଢିଥିବେ ସେମାନେ ହିନ୍ଦୀରେ ଦେଇ ପାରିବେ । ସାନ୍ତାଳୀ ଭାଷାକୁ ଅଲଚିକି ମାଧ୍ୟମରେ ଶିକ୍ଷା ଦେଲେ ସେ ଭାଷାର ସୌନ୍ଦର୍ଯ୍ୟ ନଷ୍ଟ ହୁଏ ନାହିଁ । ଆପଣ ଯଦି ଓଡ଼ିଆରେ ଲେଖିବେ, ଲେଖାଯାଇ ପାରିବ ନାହିଁ ଏବଂ ତାର ଅର୍ଥ ମଧ୍ୟ ଭିନ୍ନ ହୋଇଯିବ । ଓଡ଼ିଆ ମାଧ୍ୟମରେ ଛପା ହୋଇଥିବା ବହି ଯଦି ଗୋଟିଏ ଲୋକକୁ ପଢିବା ପାଇଁ ଦିଆଯାଏ ସେ ଭାଷା ନବୁଝନ୍ତୁ କିଛି ଯାଏ ଆସେ ନାହିଁ, କିନ୍ତୁ ସେ ପଢି ପାରିବ ନାହିଁ । ଓଡ଼ିଆ ଲିପିରେ ଛପା ହୋଇଥିବା ସାନ୍ତାଳୀ ଭାଷାର ବହି ସେମାନେ ତାକୁ ପଢି ପାରିବେ ନାହିଁ । ଇଂରାଜୀ ଭାଷା ଓଡ଼ିଆ ଲିପିରେ ଲେଖା ହୋଇଥିଲେ ତାକୁ ଲୋକେ ମଧ୍ୟ ପଢି ପାରିବେ ନାହିଁ, କାରଣ ଆପଣ ଯଦି ଅନ୍ୟ ଭାଷାକୁ ଓଡ଼ିଆ, ହିନ୍ଦୀ ବା ଇଂରାଜୀରେ ଲେଖିବେ ତାହାର ଉଚ୍ଚାରଣ ଠିକ୍ ଆସିବ ନାହିଁ । ଯେକୌଣସି ଭାଷାକୁ ଆପଣ ଅନ୍ୟ ଲିପିରେ ଲେଖି ପାରିବେ ନାହିଁ । ଧରନ୍ତୁ ଇଂରାଜୀ ଭାଷାରେ 'ଣ' ନାହିଁ, ଏବଂ କନ୍‌ସୋନାଣ୍ଟକୁ ଉଚ୍ଚାରଣ କରିବା ପାଇଁ ଆଦିବାସୀ ଭାଷାରେ କୌଣସି ସ୍ୱତନ୍ତ୍ର ଲିପି ନାହିଁ । ଆପଣ ଯେତେବେଳେ ଲେଖିବେ ସେତେବେଳେ ତାର ଅର୍ଥ ଅଲଗା ହୋଇ ଭାଷାକୁ ଉନ୍ନତି କରିବାରେ ଠିକ୍ ହେବନାହିଁ । ତାପରେ ଦିନେ ମୁଁ ଦେଖୁଥିଲି ପରିମଳ ମିତ୍ର ଗୋଟିଏ ବହି ଲେଖିଛନ୍ତି ତାହା ହେଉଛି ସାନ୍ତାଳୀ : ବେସ୍ ଅଫ୍ ଓ୍ୱାରଲଡ୍ ଲାଙ୍ଗୁଏଜ୍, ତାର ଦାମ ଟ. ୮୦/- । ସେଥିରେ ସେ ଲେଖିଛନ୍ତି କେଉଁ ହିସାବରେ ଅନ୍ୟ ଭାଷା ସଙ୍ଗରେ ତୁଳନା କରି ସାନ୍ତାଳୀ ଭାଷାର ଶବ୍ଦ ନେଇ ଅନ୍ୟ ଭାଷାରେ ଉଚ୍ଚାରଣ କରାଯାଇଛି । ସାନ୍ତାଳୀ ଭାଷାର ଶବ୍ଦକୁ ନେଇ ଇଂରାଜୀ ଭାଷା ମଧ୍ୟ ହୋଇଛି । ସାନ୍ତାଳୀ ଭାଷାର ଶବ୍ଦକୁ ନେଇ ଇଂରାଜୀ ଭାଷା ମଧ୍ୟ ହୋଇଛି । ଆଶ୍ଚର୍ଯ୍ୟର କଥା ଭାରତ ବର୍ଷରେ ସାନ୍ତାଳୀ ଭାଷାରେ ଶିକ୍ଷାଦାନର ବ୍ୟବସ୍ଥା କରିବା ପାଇଁ ସାହେବମାନେ ଗ୍ରାମାର୍, ଡିକ୍‌ସ୍‌ନାରୀ ଗୁଡ଼ିଏ ଲେଖିଛନ୍ତି । ମୁଁ ଥରେ କଲିକତା ଯାଇଥିଲି । ସେଠି ଦେଖିଛି, ଗୋଟିଏ ସେଟ୍ ଏ ରୁ ଜେଡ୍ ପର୍ଯ୍ୟନ୍ତ ରହିଛି, ତାହା ୮ଟା ଭଲ୍ୟୁମ୍‌ରେ ଅଛି । ଯାହାକୁ ନାସ୍‌ନାଲ ଲାଇବ୍ରେରୀରେ ଅଛି । ସେଥିରେ ଗ୍ରାମାର୍ ମଧ୍ୟ ଅଛି । ଶିକ୍ଷା କି ଭାଷାରେ କରାଯିବ ଏବଂ

କାହା ସଙ୍ଗରେ ତାହାର ସାମଂଜସ୍ୟ ରହିଚି ସେଇଟା ମଧ୍ୟ ଅଛି । ସେହି ହିସାବରେ ସାନ୍ତାଳୀ ଭଷା ପାଇଁ କୋଣସି ଅସୁବିଧା ହେବ ନାହିଁ । ଆମର ଦରକାର ହେଉଛି ଲିପି । ଲିପିକୁ ବଦଳ କରି ଦେଲେ ସବୁ ହୋଇଯିବ । ସେହି ହିସାବରେ ସାନ୍ତାଳୀ ଭଷାର ଯେତେବେଳେ ବିକାଶ ହେବ୍ ସେ ବିକାଶ ସଙ୍ଗେ ସଙ୍ଗେ କୋଲ, ମୁଣ୍ଡା ଏବଂ ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟର ଭଷାର ମଧ୍ୟ ଉନ୍ନତି ହେବ । ତେଣୁ ତାକୁ ଗ୍ରହଣ କରିବା ପାଇଁ ଆମ ଅନୁଷ୍ଠାନ ତରଫରୁ ସରକାରଙ୍କ ପାଖରେ ଦାବୀ କରଯାଇଛି । ଆଜି ମଧ୍ୟ ମୁଁ ମୋ ନିଜ ତରଫରୁ କହୁଛି ସାନ୍ତାଳୀ ଭଷା ମାଧ୍ୟମରେ ଯଦି ଶିକ୍ଷାଦାନର ବ୍ୟବସ୍ଥା ହୁଏ ତାହେଲେ ଅଲ୍‌ଚିକି ଲିପି ମାଧ୍ୟମରେ କରଯାଉ । ଯଦି ତାହା ଗ୍ରହଣ ଯୋଗ୍ୟ ନୁହେଁ ତାହେଲେ ତାକୁ ବାଦ ଦିଆଯାଉ ।

## ଶ୍ରୀ ନନ୍ଦ କଶୋର କିସକୁ

(ସାନ୍ତାଳ)

ଆଦିବାସୀ ଅଞ୍ଚଳମାନଙ୍କରେ କେଉଁ ଭଷା ଓ ଲିପି ମାଧ୍ୟମରେ ଶିକ୍ଷା ଦେବାର ଆବଶ୍ୟକତା ରହୁଛି ଏହା ହେଉଛି ଆଜିର ଆଲୋଚ୍ୟ ବିଷୟ । ଏହା ଉପରେ ଆମର ଅନେକ ବକ୍ତା ନିଜ ନିଜର ମତବ୍ୟକ୍ତ କରି ସାରିଲେଣି । ସେ ଯାହା ହେଉ ଅଲ୍‌ଚିକି ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା କରଗଲେ ଭରତ ବର୍ଷରେ ଆଦିବାସୀ ସଂସ୍କୃତି ବଜାୟ ରହିବା ସଙ୍ଗେ ସଙ୍ଗେ ଭଷା ମଧ୍ୟ ବଜାୟ ରହିବ । ଆପଣମାନେ ଜାଣନ୍ତି ଆନ୍ତର୍ଜାତିକ ସଂସ୍କୃତିକୁ ବଜାୟ ରଖିବା ପାଇଁ ଇଂରାଜୀ ଭଷା ରଖାଯାଇଛି ଏବଂ ଭରତର ସଂସ୍କୃତିକୁ ବଜାୟ ରଖିବା ପାଇଁ ହିନ୍ଦୀକୁ ରଖା ଯାଇଛି । ଯେତେବେଳେ ଦ୍ରାବିଡମାନେ ଆସିଲେ ସେମାନଙ୍କର ସଂସ୍କୃତି ରକ୍ଷା କରଯାଉଥିବା ବେଳେ ଆଦିବାସୀମାନଙ୍କର ସଂସ୍କୃତିକୁ ରକ୍ଷା କରଯିବା ଦରକାର । ଆଦିବାସୀମାନଙ୍କ ଭିତରେ ସାନ୍ତାଳୀ ଭଷା ହେଉଛି ସବୁଠାରୁ ଡେଭଲପ୍‌ଡ୍ । ଏହି ସାନ୍ତାଳୀ ଭଷାରେ ବହୁ ପୂର୍ବରୁ ଆଉ ଗୋଟିଏ ଅକ୍ଷର ଥିଲ ଯାହାକି କାଳକ୍ରମେ ଲୋପ ପାଇଗଲ । ମହେଂଜୋଦାର ଏବଂ ହରପ୍ପା ଆଦିବାସୀ ସମ୍ପ୍ରଦାୟର ସୁବର୍ଣ୍ଣ ଯୁଗ ବୋଲି

କୁହାଯାଉଛି । କିନ୍ତୁ ତାହା କାଳକ୍ରମେ ଲୋପ ପାଇଯାଇଛି । ୨୫/୩୦ ବର୍ଷ ପୂର୍ବେ ପଣ୍ଡିତ ରଘୁନାଥ ମୁର୍ମୁ ଏକ ଅଲଚିକି ଉଦ୍ଭବନ କଲେ । ବର୍ତ୍ତମାନ ଯେଉଁ ବ୍ୟକ୍ତିମାନେ କହୁଛନ୍ତି ଅଲଚିକିକୁ ଅନେକ ଗ୍ରହଣ କରୁନାହାନ୍ତି, ତାହା ପୁରାପୁରି ଭୁଲ କଥା । ଆଜକୁ ୧୦ ବର୍ଷ ହେଲା ବୋର୍ଡ ଅଫ୍ ସାନ୍ତାଳୀ ଏଜୁକେସନର ସମ୍ପାଦକ ମୁଁ ରହିଛି ।

ମୋର କହିବାର କଥା ଆଦିବାସୀ ପିଲମାନଙ୍କୁ ଓଡ଼ିଆ ମାଧ୍ୟମରେ ପ୍ରାଥମିକ ଶିକ୍ଷା ପାଇଁ ଯଦି ବାଧ୍ୟ କରନଯାଏ ଅନ୍ତତଃ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଲଚିକିରେ ଶିକ୍ଷା ଦିଆଯିବା କଥା । ଆମର ଯେଉଁ ବୋର୍ଡ ଅଫ୍ ସାନ୍ତାଳୀ ଏଜୁକେଶସ ସୋସାଇଟି ଅଛି ତାର ରେଜିଷ୍ଟ୍ରେସନ ନମ୍ବର ହେଉଛି ୨୬୬୭/ ୨୬୯–୧୯୬୪ । ସେଥିରେ ସାନ୍ତାଳୀ ଭଷା ସାହିତ୍ୟକୁ ରକ୍ଷା କରିବା ସକାଶେ ପ୍ରଚାର କରଯାଉଛି । ଆଜି ପର୍ଯ୍ୟନ୍ତ ୧୦ ହଜାର ପିଲ ପରୀକ୍ଷା ଦେଇ ପାଶ୍ କରି ସାରିଲେଣି । ଏକ ହଜାର ପିଲ ମାଟ୍ରିକ୍ ଷ୍ଟାଣ୍ଡାର୍ଡ ପରୀକ୍ଷା ଦେଇଛନ୍ତି । ପ୍ରାଥମିକ ସ୍ତରରେ ଆମର ବିଜ୍ଞାନ ଓ ଇଂରଜୀକୁ ଛାଡୁଛନ୍ତି । ବାକି ଓଡ଼ିଆରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ସବୁ ବିଷୟ ପଢ଼ାଯାଏ ସେ ସବୁ ବିଷୟ ପଢ଼ା ଯାଉଛି । ମୁଁ ଜଣେ ୟୁ.ଜି.ଏମ୍.ଇ ସ୍କୁଲର ଶିକ୍ଷକ । ମୋର ଯୋଗ୍ୟତା ଏମ୍.ଏ.ବି.ଇଡ଼ି । ଯେତେବେଳେ ମୁଁ ପାଠ ପଢ଼ାଉଛି ତାଙ୍କୁ ଯେଉଁ ବହି ପଢ଼ାଉଛି, ଧରନ୍ତୁ ତାଙ୍କୁ ମୁଁ କହୁଛି 'ଘରେ ଖାଇ କରି ଆସୁଛି' ସେ ତାଙ୍କୁ ଉଚ୍ଚାରଣ କରି ନପାରି ଅତି କଦର୍ଯ୍ୟ ଶବ୍ଦ ସବୁ କହୁଛନ୍ତି । ଠିକ୍ ସେହିପରି ଯଦି ଗୋଟିଏ ଛୋଟ ଓଡ଼ିଆ ପିଲକୁ ଇଂରଜୀ ପଢ଼ାଯାଏ ତାହେଲେ ସେ କିଛି ବୁଝି ପାରିବ ନାହିଁ । ସେଥିପାଇଁ ଆମର କହିବାର କଥା କମ୍ପେଲ୍‌ସରୀ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସାନ୍ତାଳୀ ଏବଂ ମୁଣ୍ଡାରୀ ପିଲମାନଙ୍କୁ ଅଲଚିକି ଭଷାରେ ଯଦି ପଢ଼ାଯାଏ ତାହେଲେ ସେମାନେ ଓଡ଼ିଆ ଭଷା ସମ୍ପର୍କରେ କିଛି ଶିଖି ପାରିବେ । ପ୍ରାଥମିକ ଶିକ୍ଷା ଭଲ ଭବରେ ଶିଖି ହେବ । ବିହାରରେ ଆମେ ଦେଖିଛୁ ବିହାର ସରକାର ସାନ୍ତାଳୀ ଭଷାକୁ ସ୍ୱୀକୃତି ଦେଇମଧ୍ୟ ପାଠ ପଢ଼ା ଆରମ୍ଭ କରୁଛନ୍ତି । କିନ୍ତୁ ଓଡ଼ିଶାରେ ସାନ୍ତାଳୀ ଭଷାର ସାହିତ୍ୟକୁ ଅବହେଳା କରଯାଉଛି । ଆମର ଏଜୁକେସନ ବୋର୍ଡ ଏବଂ ଏକାଡେମୀ ଅଛି । ବର୍ତ୍ତମାନ ୨ ହଜାର ପର୍ଯ୍ୟନ୍ତ ବହି ଅଲଚିକି ଭଷାରେ

ଛାପାଯାଇଛି । ତା'ର ଏକକିତା ନକଲ ମୁଁ ଆପଣମାନଙ୍କ ପାଖରେ ଉପସ୍ଥାପନ କରୁଛି । ଯେପରି ଉର୍ଦ୍ଦୁ ଭଷା ଶିକ୍ଷା ପାଇଁ ମାଦ୍ରାସା ରହିଛି ସେହିପରି ଓଡ଼ିଶାରେ ୧୪୦ଟି ସାନ୍ତାଳୀ ପ୍ରାଥମିକ ବିଦ୍ୟାଳୟ ରହିଛି ଏବଂ ପ୍ରତ୍ୟେକ ବର୍ଷ ଜୁନ୍ ଏବଂ ଡ଼ିସେମ୍ବର ମାସରେ ସେଠାରେ ପରୀକ୍ଷା ହେଉଛି । ଏହି ସ୍କୁଲ ଗୁଡ଼ିକ ଆଦିବାସୀ ସୋସିଆଲ ଏଡୁକେସନ ଆଣ୍ଡ କଲଚରଲ ଆସୋସିଏସନ, ରେଜିଷ୍ଟ୍ରେସନ, ନମ୍ବର ୨୬୬୭/୨୬୯–ଅଫ୍ ୧୯୬୪, ତରଫରୁ ଖୋଲ ଯାଇଛି । ପ୍ରତ୍ୟେକ ରାଜ୍ୟରେ ଏହାର ବ୍ରାଂଚ ରହିଛି । ଡ଼ାଇରେକ୍ଟର ଶ୍ରୀ ମହାପାତ୍ର ଜାଣନ୍ତି ଶାନ୍ତିନିକେତନ ଓ ରାଂଚି ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭଷା ଶିକ୍ଷା ଦିଆଯାଏ ଏବଂ ଅଲ୍ଚିକି ଭଷାରେ ଏମ୍.ଏ. ପର୍ଯ୍ୟନ୍ତ ମଧ୍ୟ ଶିକ୍ଷାଦାନ କରଯାଇଛି । କିନ୍ତୁ ଓଡ଼ିଶାରେ ଏହାର ବିନ୍ଦୁ ବିସର୍ଗ ଆରମ୍ଭ ହୋଇନାହିଁ । ଯଦି ସରକାର ଏ ଦିଗରେ ସହାନୁଭୂତିଶୀଳ ହୋଇ ବିଚ୍ଚର କରନ୍ତେ ତେବେ ଏହି ଭଷାର ଉନ୍ନତି ହୋଇ ପାରନ୍ତା । ସ୍ୱର୍ଗୀୟା ଇନ୍ଦିରାଗାନ୍ଧୀ କହିଥିଲେ ଯଦି ଆଦିବାସୀମାନଙ୍କୁ ସାନ୍ତାଳୀ ଭଷାରେ ଶିକ୍ଷାଦାନ କରାଯାଏ ତେବେ ସେମାନେ ଶିକ୍ଷା କ୍ଷେତ୍ରରେ ଅଗ୍ରସର ହୋଇ ପାରନ୍ତେ । ସେ ଦିଗରେ ସାନ୍ତାଳୀ ସାହିତ୍ୟ ଏକାଡେମୀ କାର୍ଯ୍ୟକରୁଛି । ୨୦ ବର୍ଷ ହେଲ ଆମେ ସରକାରଙ୍କ ବିନା ସହଯତାରେ ଏ କାର୍ଯ୍ୟ ଚଳାଉଛୁ । ସରକାରଙ୍କୁ ଆମେ ବାରମ୍ବାର ଏଥିପାଇଁ ଲେଖୁଛୁ । ସାହିତ୍ୟ ଏକାଡ଼େମୀକୁ ମଧ୍ୟ ଲେଖିଥିଲୁ । କିନ୍ତୁ ସେମାନଙ୍କଠାରୁ କୌଣସି ସାହାଯ୍ୟ ପାଇଲୁ ନାହିଁ । ବର୍ତ୍ତମାନ ଆମେ ସାନ୍ତାଳୀ ଭାଷାରୁ ସାଇନ୍ସ୍ ଓ ଇଂଗ୍ଲିସ୍କୁ ବାଦ୍ ଦେଇଛୁ । ସରକାର ଯଦି ସହଯୋଗ କରନ୍ତି ଆମେ ତାହା କରି ପାରିବୁ ।

## ଶ୍ରୀ ଗୋଛୁରାମ ମାଝି

(ସାନ୍ତାଳୀ ସଂପ୍ରଦାୟ)

ମୋର ପୂର୍ବବର୍ତ୍ତୀ ବକ୍ତା ନନ୍ଦ କିଶୋର କିସ୍କୁ ଆପଣଙ୍କୁ ସାନ୍ତାଳୀ ଭଷାର ଶିକ୍ଷା ଏବଂ ଅଲଚିକି ଲିପି ମାଧ୍ୟମରେ କିପରି ଆଦିବାସୀ ଭଷାର ପ୍ରସାର କରଯାଇ ପାରିବ ତା ବୁଝାଇଛନ୍ତି । ତେଣୁ ମୁଁ ସେ ଦିଗରେ ଆଜ ନଯାଇ ଅନ୍ୟ ବିଷୟରେ କହିବି ।

ସାର୍‌, ଆଦିବାସୀ ପିଲମାନଙ୍କୁ ଭରତର ଅନ୍ୟାନ୍ୟ ସଂପ୍ରଦାୟ ଛାତ୍ର ଛାତ୍ରୀମାନଙ୍କ ସହିତ ସମକକ୍ଷ କରିବାକୁ ହେଲେ ଯେଉଁସବୁ ସେବାଶ୍ରମ ସ୍କୁଲ ଖୋଲ ଯାଇଛି ତା' ମାଧ୍ୟମରେ ସେହି ପିଲମାନଙ୍କୁ ବିଜ୍ଞାନ ଓ କାରିଗରୀ ଶିକ୍ଷା ଦାନର ବ୍ୟବସ୍ଥା କରଯିବା ଉଚିତ୍‌ । ସେଥିପାଇଁ ଆମକୁ ମାତୃଭଷା ବ୍ୟତୀତ ବୈଦେଶିକ ଭଷାର ସାହାଯ୍ୟ ନେବାକୁ ହେବ । ତେଣୁ ମୁଁ ଏ' କମିଟିରେ ଉପସ୍ଥାପନା କରିବା ପାଇଁ ଚାହେଁ, ଯେପରି କନ୍‌ଭେଣ୍ଟ ସ୍କୁଲ ସବୁ କରଯାଇଛି ସେପରି ଏମାନଙ୍କ ପାଇଁ ଥି ଇଙ୍ଗ୍ଲେଣ୍ଡ ପର୍ମ୍ମିଉଲେ ସ୍କୁଲ କରି ଶିକ୍ଷାଦାନର ବ୍ୟବସ୍ଥା କଲେ ଏହି ପିଲମାନେ ଭରତର ଅନ୍ୟାନ୍ୟ ଛାତ୍ର ଛାତ୍ରୀମାନଙ୍କ ସହିତ ସମକକ୍ଷ ହୋଇ ପାରିବେ । ସେମାନଙ୍କୁ ଇଂଗ୍ଲିସ, ହିନ୍ଦୀ ଏବଂ ତାଙ୍କର ମାତୃଭଷା— 'ସାନ୍ତାଳୀ' ମାଧ୍ୟମରେ ଶିକ୍ଷାଦାନ କରିବା ଉଚିତ୍‌ ।

## ଶ୍ରୀଯୁକ୍ତ ସେନାପତି

ତା'ହେଲେ ଓଡ଼ିଆ ଆଉ ରହିବ ନାହିଁ ?

## ଶ୍ରୀ ଗୋଛରାମ ମାଝି

ସାର୍‌, ଓଡ଼ିଆ ମାଧ୍ୟମରେ ଅଦିବାସୀମାନେ ତାଙ୍କର ମାତୃଭଷା ଶିକ୍ଷାକଲେ ତାଙ୍କର ଯେଉଁ ଭଷା ଅଛି ତାର ଯାହା ଅର୍ଥ, ସେଥିରେ ସେ ଭଷାର ଅପଭ୍ରଂଶ ହେଉଛି । ସେ ଦୃଷ୍ଟିରୁ ସରକାର ଯଦି ଅଲଚିକି ଲିପି ମାଧ୍ୟମରେ ଶିକ୍ଷାଦାନ କରିବା ପାଇଁ ନାରଜ, ତେବେ ମୟୂରଭଞ୍ଜ ଜିଲ୍ଲାରେ ଯେଉଁ ୫୩ଟି ଆଦିବାସୀ ସଂପ୍ରଦାୟ ଅଛନ୍ତି ତାଙ୍କ ଭିତରୁ ସାନ୍ତାଳୀକୁ ବାଦ୍‌ ଦେଇ ଅନ୍ୟ ୫୨ଟି ସଂପ୍ରଦାୟ ପାଇଁ ସେ ଓଡ଼ିଆ ଭଷା ଲିପି ପ୍ରଚଳନ କରି ପାରନ୍ତି । ମୋର ଆଉ ବିଶେଷ କିଛି କହିବାର ନାହିଁ ।

## ଶ୍ରୀ ଲକ୍ଷ୍ମଣ ମୁଣ୍ଡା

(ମୁଣ୍ଡା ସଂପ୍ରଦାୟ)

ସାର୍‌, ମୟୂରଭଞ୍ଜ ଜିଲ୍ଲାରେ ମୁଣ୍ଡା, ହୋ, ସାନ୍ତାଳ, ବାଥୁଡ଼ି, ଖଡ଼ିଆ ଓ ଅନ୍ୟାନ୍ୟ ସଂପ୍ରଦାୟର ଲୋକମାନେ ରହୁଛନ୍ତି । ଏହି ଲୋକମାନେ ଭିନ୍ନ ଭିନ୍ନ

ଭାଷାରେ କଥାବାର୍ତ୍ତା କରିଥାନ୍ତି । ଆପଣ ଜାଣନ୍ତି ଯେପରି ସାନ୍ତାଳୀ ଲିପି ବାହାରି ସାରିଛି ସେହିପରି ଆମର ମୁଣ୍ଡାରୀ ଲିପି ମଧ୍ୟ ଲିନା ସିଂ ବାହାର କରିଛନ୍ତି । ମୋର କହିବା କଥା ଯଦି ଆଦିବାସୀମାନଙ୍କୁ ନିଜ ନିଜ ଭାଷାର ଲିପି ମାଧ୍ୟମରେ ଶିକ୍ଷା ଦିଆଯାଏ ତାହା ଏକ ବଡ଼ ସମସ୍ୟା ସୃଷ୍ଟି କରିବ । ତେଣୁ ଏଥିପାଇଁ କ'ଣ କରାଯିବ ତାହା ଆମେ ବୁଝି ପାରୁନାହୁଁ । ଯଦି ସମସ୍ତ ଆଦିବାସୀ ସଂପ୍ରଦାୟର ଗୋଟିଏ ଗୋଟିଏ ଲିପି ବାହାର କରାଯାଏ ତେବେ କୌଣସିଟି ସାର୍ଥକ ହେବ ନାହିଁ । ମୋ ମତରେ ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଆ ଲିପି ମାଧ୍ୟମରେ ଆଦିବାସୀମାନଙ୍କୁ ଶିକ୍ଷା ଦିଆଯିବା ଉଚିତ୍ । ସେଥିରେ ବନ୍ଧନୀ ମଧ୍ୟରେ ସାନ୍ତାଳୀ ଅକ୍ଷର ମଧ୍ୟ ରହୁ । ନଚେତ୍ ଆମେମାନେ ଶିକ୍ଷା ଦିଗରେ ଅଧିକ ଆଗେଇ ପାରିବା ନାହିଁ ।

### ଶ୍ରୀ ଅକ୍ଷୟ କୁମାର ସିମନାକଆ
(ବୋଥୁଡ଼ି ସଂପ୍ରଦାୟ)

ମୋ ମତରେ ପ୍ରାଥମିକ ସ୍ତରରେ ଓଡ଼ିଆ ଲିପିରେ ଶିକ୍ଷା ଦିଆଗଲେ ସବୁ ସଂପ୍ରଦାୟର ପିଲମାନେ ତାହା ବୁଝି ପାରିବେ ।

### ଶ୍ରୀ ସୁରାଇ ହେମ୍ବ୍ରମ
(ସାନ୍ତାଳ ସଂପ୍ରଦାୟ)

ସାର୍, ଆମ ଆଦିବାସୀ ଅଞ୍ଚଳରେ ଥିବା ସ୍କୁଲମାନଙ୍କର ଭଲ ନାଁ ଅଛି । ପିଲମାନେ ମଧ୍ୟ ପାଠ ପଢିବାରେ ନାଁ କରିଛନ୍ତି । କିନ୍ତୁ ଏହି ଭାଷାର ଘୋଟ୍ଟେମ୍ବୁ ପିଲମାନେ ମିଡ଼ିଲ୍ ସ୍କୁଲରେ ନାଁ କରି ପାରୁନାହାନ୍ତି । ହାଟ ବଜାରରେ ମଧ୍ୟ ସେମାନେ ଓଡ଼ିଆ ଭାଷା କହିବାକୁ ଅଡୁଆରେ ପଡୁଛନ୍ତି, ଯାହାଫଳରେ ଓଡ଼ିଆ ଭାଷା ବୁଝି ପାରୁଥିଲେ ମଧ୍ୟ ସେମାନେ ତାଙ୍କ ନିଜ ଭାଷା ନିଜେ ପ୍ରୟୋଗ କରିବାକୁ ବାଧ୍ୟ ହେଉଛନ୍ତି । ତା'ଛଡ଼ା ଅନ୍ୟ ପକ୍ଷରେ ଆଦିବାସୀ ଭାଷାକୁ ଶିକ୍ଷକମାନେ ବୁଝିପାରୁ ନାହାନ୍ତି । ଫଳରେ ଶ୍ରେଣୀରେ ପିଲାଟିଏ ଯଦି ପରିସ୍ରା କରିବାକୁ ଚାହୁଁଛି ସେ ନିଜ ସ୍ଥାନରେ ଛିଡ଼ା ହୋଇ କାନ୍ଦୁଛି ଓ ମନେ ମନେ ଭୟଭୀତ ହୋଇଯାଉଛି । ମୋର କହିବା କଥା ଆମର ସାନ୍ତାଳୀ,

ହୋ, କୋହ୍ଲ ଓ ମୁଣ୍ଡା ଇତ୍ୟାଦି ଭଷା ମଧ୍ୟରେ ଯେହେତୁ ଅନେକ ସାମଞ୍ଜସ୍ୟ ରହିଛି, ବର୍ତ୍ତମାନ ପଣ୍ଡିତ ମୁର୍ମୁ ଯେଉଁ ଅଲଚିକି ଲିପି ବାହାର କରିଛନ୍ତି ତାର ମାଧ୍ୟମରେ ଏମାନଙ୍କୁ ଶିକ୍ଷା ଦିଆଯିବା ଉଚିତ୍ । ତା' ଛଡ଼ା ଆମ ସାନ୍ତାଳୀ ଭଷାର କେତେକ ଅକ୍ଷର ଓଡ଼ିଆରେ ମଧ୍ୟ ଲେଖି ହେବ ନାହିଁ । ଏହାର ଭିନ୍ନ ଭିନ୍ନ ଅର୍ଥ ହୋଇଯିବ । ସେଥିପାଇଁ ଯେହେତୁ ସାନ୍ତାଳ ସଂପ୍ରଦାୟର ଲୋକ-ସଂଖ୍ୟା ଅଧିକ, ତେଣୁ ପ୍ରାଥମିକ ସ୍ତରରେ ପିଲମାନଙ୍କୁ ଅଲ୍‌ଚିକି ଲିପିରେ ଶିକ୍ଷାଦାନ କରଯିବା ଉଚିତ୍ ।

## ଶ୍ରୀ ଭାସ୍କର ଚନ୍ଦ୍ର ଡ଼ଙ୍ଗୋଇ
(ଖଡ଼ିଆ ସଂପ୍ରଦାୟ)

ସାର୍, ଖଡ଼ିଆ ଜାତି ବହୁତ ନିମ୍ନ ସ୍ତରରେ ପଡ଼ି ରହିଛି । ଏହି ଜାତିର ଲୋକମାନେ ସାଧାରଣ ଲୋକଙ୍କ ସଂସ୍ପର୍ଶରେ ଆସିପାରୁ ନାହାନ୍ତି । ଏମାନଙ୍କର ମୂଳ କାମ ହେଲ ଜଙ୍ଗଲକୁ ଯାଇ ମହୁ ସଂଗ୍ରହ କରିବା । ସେମାନଙ୍କର ନିଜର ମଧ୍ୟ ଚ଼ାଷ ଜମି ନାହିଁ । ଯଦି ସେମାନଙ୍କୁ ଚାଷ ଜମି ଦିଆଯାଇ ଚାଷ କରିବାରେ ସାହାଯ୍ୟ କରଯାଏ, ଖଡ଼ିଆ ସଂପ୍ରଦାୟର ପିଲ-ମାନଙ୍କ ପାଇଁ ସ୍ୱତନ୍ତ୍ର ସ୍କୁଲ କରି ଶିକ୍ଷାଦାନର ବ୍ୟବସ୍ଥା କରଯାଏ ଓ ସେ ଅଞ୍ଚଳରେ ଅଧିକ ସଂଖ୍ୟକ ପ୍ରୌଢ଼ ଶିକ୍ଷା କେନ୍ଦ୍ର ଖୋଲଯାଏ, ତେବେ ସେମାନେ କିଛି ଆଗେଇ ପାରିବେ ବୋଲି ମୋର ଆଶା । କାରଣ ପଇସା ଅଭବରୁ ସେମାନେ ଜଙ୍ଗଲକୁ ଚ଼ାଲିଯାଆନ୍ତି ଓ ସେମାନଙ୍କର ପିଲଙ୍କୁ ବେଳେବେଳେ ସାଂଗରେ ନେଇଯାଆନ୍ତି । ତେଣୁ ଏମାନଙ୍କୁ ଘର, ଚାଷଜମି ଇତ୍ୟାଦି ଯୋଗାଇ ସ୍ୱତନ୍ତ୍ର ଭବରେ ଶିକ୍ଷାଦାନର ବ୍ୟବସ୍ଥା କଲେ ଯାଇ କିଛି ହୋଇପାରିବ । ଆମ ସଂପ୍ରଦାୟର ପିଲମାନେ ଓଡ଼ିଆ ଭଷା ବୁଝି ପାରନ୍ତି ଓ କହି ପାରନ୍ତି । ତେଣୁ ଓଡ଼ିଆ ଲିପି ଶିକ୍ଷାର ମାଧ୍ୟମ ହେବା ଉଚିତ୍ ।

## ଶ୍ରୀ ପରମେଶ୍ୱର ନାଏକ
(ବୋଣ୍ଡ଼ି ସମ୍ପ୍ରଦାୟ)

ବାଣ୍ଡ଼ି ସଂପ୍ରଦାୟର କେତେ ଜଣ କହି ସାରିଲେଣି । ଆମ ଭିତରେ ଆଉ ଯେଉଁମାନେ ଅଛନ୍ତି ସେମାନେ କହିବେ ।

## ଶ୍ରୀ ପୁରୁଷୋତ୍ତମ ସିଂ

(ମୁଣ୍ଡା ସଂପ୍ରଦାୟ)

ସ୍ୱାଧୀନତା ପରେ ପରେ ଆମ ମୟୂରଭଞ୍ଜରେ ସୋନାରାମ ସୋରେନ୍ ବୋଲି ଜଣେ ବ୍ୟକ୍ତି ଥିଲେ । ଯେତେବେଳେ ଆଦିବାସୀମାନେ ସଚେତନ ନଥିଲେ, ସେତେବେଳେ ସାନ୍ତାଳ, ମୁଣ୍ଡା, ହୋ ଏବଂ ମାହାଲି ଏଭଳି କେତୋଟି ଆଦିବାସୀ ସଂପ୍ରଦାୟ ପଣ୍ଡିତ ରଘୁନାଥ ବାବୁଙ୍କର ଅଲଚିକିକୁ ଗ୍ରହଣ କରିଥିଲେ । ସେତେବେଳେ ସେ ଭାଷାଟିକୁ ମୁଣ୍ଡାରି ଭାଷା ବୋଲି ଦର୍ଶାଯାଉଥିଲା । ସେତେବେଳେ ରଘୁନାଥ ବାବୁଙ୍କର ଅଲଚିକିକୁ ଆମର ବହୁ ସାନ୍ତାଳ ଭାଇ କହିଲେ ଯେ ଏ ଆମର ଅଲିଚିକି । ସେମାନେ ଗ୍ରହଣ କରିନେବା ଫଳରେ ମୁଣ୍ଡା ଏବଂ ହୋ ଭାଇମାନେ କହୁଛନ୍ତି ଏଟା ମଧ୍ୟ ଆମର ଅଲିଚିକି । ତେଣୁ ଆମର ମୁଣ୍ଡା, ହୋ, ସାନ୍ତାଳ ଏବଂ ମାହାଲୀ ଏ ସମସ୍ତଙ୍କର ଭାଷା ସମାନ । ସେମାନେ ଯଦି ମିଶି କରି ରହିଥାନ୍ତେ ତାହେଲେ ଅସୁବିଧା ହୋଇ ନଥାନ୍ତା । ଭୂୟାଁ, ବାଥୁଡ଼ି ଗୋଟିଏ ଆଡ଼େ ରହିଗଲେ, ମୁଣ୍ଡା ଗୋଟିଏ ଆଡ଼େ ରହିଗଲେ ତ ସାନ୍ତାଳୀ ଆଉ ଗୋଟିଏ ଆଡ଼େ ରହିଗଲେ । ତାହେଲେ ଏ ଆଦିବାସୀ ଜାତି କେଉଁମାନଙ୍କୁ ନେଇ ରହିବ ? ଯଦି ମୟୂରଭଞ୍ଜର ଆଦିବାସୀ-ମାନଙ୍କ ସମ୍ପର୍କରେ ସମୀକ୍ଷା କରଯାଏ ତାହେଲେ ଜଣା ପଡ଼ିବ ଯେ ସେଠାରେ ସାନ୍ତାଳ ଭାଇମାନଙ୍କର ସଂଖ୍ୟା ବେଶୀ । ସମ୍ବଲପୁର, କେଉଁଝର ଏବଂ ସୁନ୍ଦରଗଡ଼କୁ ମିଶାଇ ଦେଲେ ମୁଣ୍ଡା ଭାଇମାନେ ବେଶୀ ହେବେ । ମୁଣ୍ଡାରୀ, ସାନ୍ତାଳ ଏବଂ ମାହାଲୀଙ୍କର ଗୋଟିଏ ଲିପି ହୋଇଥିଲେ ଭଲ ହୋଇଥାନ୍ତା । ନଚେତ୍ ପ୍ରତ୍ୟେକ ସ୍କୁଲରେ ପ୍ରତି ସଂପ୍ରଦାୟର ଲିପି ଉପରେ ଗୋଟିଏ ଗୋଟିଏ ଶିକ୍ଷକ ଦେବା କେବେହେଲେ ସମ୍ଭବ ନୁହେଁ ।

## ଶ୍ରୀ ସତୀଶ ଚନ୍ଦ୍ର ସିଂ

(ଖଡ଼ିଆ ସଂପ୍ରଦାୟ)

ଆମର ମାତୃଭାଷା ହେଲା ଓଡ଼ିଆ । ଓଡ଼ିଆ ଭାଷାରେ ଶିକ୍ଷାଦାନ ଦେଲେ ଚଳିବ ।

## ଶ୍ରୀ ଗୋବର୍ଦ୍ଧନ ନାୟକ
(ଭୂୟାଁ ସଂପ୍ରଦାୟ)

ଆମେ ଓଡ଼ିଆରେ ସବୁ କଥାବାର୍ତ୍ତା କରୁଛୁ । ଓଡ଼ିଆ ଭାଷା ଆମର ଭଲ ।

## ଶ୍ରୀ ଭରତ ଚନ୍ଦ୍ର ମଲ୍ଲିକ
(ଲୋଧା ସଂପ୍ରଦାୟ)

ଆମର ଭାଷା ହେଉଛି ଓଡ଼ିଆ । ତେଣୁ ଅନ୍ୟ କୌଣସି ଲିପି ବା ବର୍ଣ୍ଣ ଦ୍ୱାରା ଶିକ୍ଷା ନଦେଇ ଓଡ଼ିଆ ଭାଷା ମାଧ୍ୟମରେ ଶିକ୍ଷା ଦେବା ଉଚିତ୍ । ଆମ ଜାତିର ପିଲମାନଙ୍କୁ କେବଳ ସ୍କୁଲ କିମ୍ବା ଆଶ୍ରମ କରି ଓଡ଼ିଆ ଭାଷା ମାଧ୍ୟମରେ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଆମ ଜାତିର ପିଲମାନଙ୍କୁ ମଧ୍ୟ ବିଭିନ୍ନ ପ୍ରାକୃତିକ ଆଚରଣ ବିଷୟରେ ଶିକ୍ଷା ଦେବା ଉଚିତ୍ । କାହିଁକିନା ଆଦିବାସୀ ଏବଂ ହରିଜନ ଜାତି ମଧ୍ୟରେ ଆମ ଜାତିର ଲୋକେ ପ୍ରାୟ ବେଶୀ ପରିମାଣରେ ଶିକ୍ଷାଲାଭ କରି ପାରି ନାହାନ୍ତି । ଜାଣିବାକୁ ମନଥିଲେ ମଧ୍ୟ ନିଜର ଅଥବା ନିଜ ପିତାଙ୍କର ଧନବଳ ନଥିବାରୁ ପିଲମାନେ ପାଠପଢି ପାରୁନାହାନ୍ତି । ତେଣୁ କେବଳ ଆମ ଜାତିର ପିଲମାନଙ୍କୁ ଏକ ସେବାଶ୍ରମର ସୁବିଧା କରି ପଢ଼ିବା ପାଇଁ ସୁଯୋଗ ଦେଲେ ଆମ ଜାତିର ଉନ୍ନତି ହେବା ସଂଗେ ସଂଗେ ଦେଶର ଉନ୍ନତି ହୋଇ ପାରିବ ବୋଲି ମୋର ଆଶା । ଆମ ଗ୍ରାମ ପାଖରେ ଆମ ସଂପ୍ରଦାୟର ୫ଟି ଗ୍ରାମ ଅଛି । ସେଗୁଡ଼ିକ ହେଲା ଲାଳା, ହାର୍ଣ୍ଣଭଂଗା, ଚନ୍ଦ୍ରାସୋଳ, ଝିଅଁଣି, ଖଡ଼ିଗାଁ ଟିକିଟା ମାଟିଆ ଏବଂ ଘୋଡ଼ାବନ୍ଧା । ଏହି ଛଅଟି ଗାଁର ପିଲମାନଙ୍କୁ ଆଶ୍ରମ ସ୍କୁଲ ମାଧ୍ୟମରେ ଶିକ୍ଷା ଦେଲେ ଭଲ ହୁଅନ୍ତା ଏବଂ ସେହି ସ୍କୁଲରେ ଆମ ଜାତିର କେତେ ଜଣ ଶିକ୍ଷକ ରହିବା ଉଚିତ୍ । ଆଜି ମଧ୍ୟ ସମସ୍ତେ ଜାଣନ୍ତି ଯେ, ଆମ ଜାତିର ଲୋକେ ଚୋରୀ କରୁଛନ୍ତି । ଡକାୟତି କରୁଛନ୍ତି କିନ୍ତୁ ମୁଁ କହିବି ଆମ ଜାତିର ଲୋକେ ପ୍ରାୟ ଶତକଡ଼ା ୨ ଭାଗ କରୁଥିବେ କି ନାହିଁ । କିନ୍ତୁ ଅନ୍ୟ ଜାତିର ଲୋକ ବର୍ତ୍ତମାନ ବହୁ ପରିମାଣରେ ସେହି କାର୍ଯ୍ୟ କରି ଆମର ଏହି ଲୋଧା ସମ୍ପ୍ରଦାୟକୁ

କହୁଛନ୍ତି । ତେଣୁ ଶିକ୍ଷା ମାଧ୍ୟମରେ ଆମ ଜାତିର ଉନ୍ନତି ହେବ ବୋଲି ମୋର ଦୃଢ଼ ଆଶା ।

## ଶ୍ରୀ କୈଳାସ ଚନ୍ଦ୍ର ନାୟକ

(ଭୂୟାଁ ସଂପ୍ରଦାୟ)

ଆମେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରୁଛୁ । ଶିକ୍ଷା କ୍ଷେତ୍ରରେ ପିଲାମାନଙ୍କ କଥ ଆମେ ଭାବୁଛୁ । ଯେଉଁ ଗ୍ରାମରେ ବିଦ୍ୟାଳୟ ଅଛି, ସେ ଗାଁର ଦୁଇ ତିନି ସଂପ୍ରଦାୟର ପିଲ ସେହି ବିଦ୍ୟାଳୟରେ ପାଠ ପଢ଼ୁଛନ୍ତି । ସେହି ବିଦ୍ୟାଳୟର ଶିକ୍ଷକମାନଙ୍କୁ ଟ୍ରେନିଂ ଦେଇ ଓଡ଼ିଆ ଭାଷାରେ ଶିକ୍ଷାଦାନ କରିବାଟା ମୁଁ ଭଲ ମନେକରୁଛି । ଏମାନଙ୍କୁ ଯଦି ଓଡ଼ିଆ ଭାଷାରେ ଶିକ୍ଷା ନଦିଆଯାଏ ତାହେଲେ ସେହି ପିଲମାନେ ବିଭିନ୍ନ ପ୍ରକାର କାରିଗରୀ ବିଦ୍ୟା ସମ୍ପର୍କରେ ଜ୍ଞାନ ଆହରଣ କରିବା ସମ୍ଭବ ହୋଇ ପାରୁନାହିଁ । ତେଣୁ ଓଡ଼ିଆ ମାଧ୍ୟମରେ ଶିକ୍ଷକମାନଙ୍କୁ ଟ୍ରେନିଂ ଦିଆଯାଇ ଓଡ଼ିଆ ଭାଷା ମାଧ୍ୟମରେ ଶିକ୍ଷା ଦେଲେ ଭଲ ହେବ ।

## ଶ୍ରୀ ମନୋହର ମାହାଲି

(ମାହାଲି ସଂପ୍ରଦାୟ)

ଆମର ଭାଷା ହେଉଛି ସାନ୍ତାଳୀ । ପୃଥିବୀରେ ବହୁତ ଭାଷା ରହିଛି ତା ଭିତରେ ସାନ୍ତାଳୀ ଭାଷା ମଧ୍ୟ ରହିଛି । ସେ ଭାଷା ଗୁଡ଼ିକୁ ଯଦି ସରକାର ଗ୍ରହଣ ନ କରନ୍ତି ଏବଂ ଶିକ୍ଷାର ପରିସର ଭିତରକୁ ଯଦି ନ ଆଣନ୍ତି ସେ ଭାଷା ରହିବ ନାହିଁ । ତାଫଳରେ ତାଙ୍କର ଯେଉଁ ସଂସ୍କୃତି ଏବଂ ପରମ୍ପରା ରହିଛି ତା ମଧ୍ୟ ରହିବ ନାହିଁ । ଯାହା ଫଳରେ କି ସେ ଭାଷାର ମଧ୍ୟ ଉନ୍ନତି ହୋଇ ପାରିବ ନାହିଁ । ଯେଉଁ ଭାଷା ରହିଛି ସେ ଭାଷା ବିଷୟରେ ଯଦି ସରକାର ଚିନ୍ତା ନକରିବେ ତା ହେଲେ ସେ ଭାଷା କିପରି ରହିବ ଏବଂ ସେ ସଂପ୍ରଦାୟ ରହିବ କିପରି ? ଆମେ ବିଭିନ୍ନ ଭାଷାରେ ଶିକ୍ଷା ପାଉଛୁ । ଏଥିରେ ଆମର ଦୁଇଟି ଲକ୍ଷ୍ୟ ରହିଛି । ଗୋଟିଏ ହେଲ ଆମ ସଂସ୍କୃତିକୁ ବଜାୟ ରଖିବା ଏବଂ

ଅନ୍ୟଟି ହେଲା ଆମ ସାହିତ୍ୟକୁ ସମୃଦ୍ଧ କରିବା । ମୋର ଅଭିଜ୍ଞତା ଯାହା ପୃଥିବୀରେ ଏଭଳି କୌଣସି ଭାଷା ନାହିଁ ଯାହାକୁ କି ଅନ୍ୟମାନେ କହିପାରନ୍ତି ନାହିଁ । ମୁଁ ଓଡ଼ିଆ କହୁଛି, ଇଂରାଜୀ କହୁଛି, ସାନ୍ତାଳୀ ମଧ୍ୟ କହୁଛି । କିଏ ତେଲୁଗୁ ମଧ୍ୟ କିଛି କହି ପାରୁଛି । ମୁଁ ସେ ଭାଷା ସହିତ ଏକାତ୍ମ ହେଲେ କହିପାରିବି । ବହୁତ ସାନ୍ତାଳୀ ଭାଇ କହିଲେ ଅନ୍ୟମାନେ ସାନ୍ତାଳୀ ଭାଷାକୁ ଉଚ୍ଚାରଣ କରିପାରିବେ ନାହିଁ କିନ୍ତୁ ତାହା ଠିକ ନୁହେଁ । ସାନ୍ତାଳୀ ଭାଷାରେ ଅନେକଭାଓ୍ୱେଲ ଅଧିକ ରଖା ଯାଇଛି, ସପୋକ୍ ଆଁ ଅଧିକ ରହିଛି ଓହୋ ଅଧିକ ରହିଛି । ସେ ଦୃଷ୍ଟିରୁ ସାନ୍ତାଳୀ ଲିପିରେ ଭାଷାଟିକୁ ପରିଷ୍କାର ଭାବରେ ଉଚ୍ଚାରଣ କରି ହେବ । ଜଣେ ଓଡ଼ିଆ ସହିତ ଏକାତ୍ମ ହେଲେ ଅନ୍ୟ ଜଣେ ଆଦିବାସୀ ମଧ୍ୟ ଭଲ କଥାବାର୍ତ୍ତା କରିପାରୁଛି, ସେଥିରେ କିଛି ଅସୁବିଧା ନାହିଁ । କିନ୍ତୁ ମୋର ପ୍ରଶ୍ନ ହେଲା ଆମ ଭାଷାଟିକୁ ସରକାର ଗ୍ରହଣ କରିବେକି ନାହିଁ ? ସ୍କୁଲ୍ ଗୁଡ଼ିକରେ ବହୁତ ଆଦିବାସୀ ଛାତ୍ର ଅଛନ୍ତି ଯେଉଁମାନେ କି ବିଭିନ୍ନ ସଂପ୍ରଦାୟର ଅଟନ୍ତି । ଗୋଟିଏ ଆଦିବାସୀ ଭାଷା ପ୍ରଚଳନ କଲେ ଅନ୍ୟମାନଙ୍କର ଅସୁବିଧା ହେବ ସେ ଦୃଷ୍ଟିରୁ ମୁଁ ଭାବୁଛି ପ୍ରତ୍ୟେକ ସ୍କୁଲରେ ବର୍ତ୍ତମାନ ଯେଉଁମାନେ ଆଦିବାସୀ ପିଲା ଅଛନ୍ତି ସେମାନେ ଭାଷା ଶିଖି ପାରୁ ନାହାନ୍ତି କି କଥାବାର୍ତ୍ତା ମଧ୍ୟ କରିପାରୁ ନାହାନ୍ତି । ମୁଁ ଦେଖୁଛି ଅଧିକାଂଶ ଲୋକ ଓଡ଼ିଆ ଭାଷାରେ କଥାବାର୍ତ୍ତା କରୁଛନ୍ତି କାରଣ ବର୍ତ୍ତମାନ ସେମାନେ ଓଡ଼ିଆ ହୋଇ ଗଲେଣି । ଗୋଟିଏ କଥା ଆମକୁ ଦୁଃଖ ଲାଗୁଛି—ଆମର ଭାଷା ବର୍ତ୍ତମାନ ଲୋପ ପାଇଯାଉଛି । ଛୋଟ ଛୋଟ ପିଲମାନେ ଭାଷା ବୁଝି ପାରୁ-ନାହାଁନ୍ତି । ସରକାର ଆଦିବାସୀ ସଂସ୍କୃତିକୁ ରକ୍ଷା କରିବାକୁ ହେଲେ ପ୍ରାଥମିକ ସ୍କୁଲ୍-ମାନଙ୍କରେ ସାନ୍ତାଳୀ ବା ହୋ ଟିଚର୍‌ମାନଙ୍କୁ ରଖିବାର ବ୍ୟବସ୍ଥା କଲେ ଭଲ ହେବ । ସାନ୍ତାଳୀ ସଂସ୍କୃତିକୁ ରକ୍ଷାବାପାଇଁ ପ୍ରତି ସବ୍‌ଡ଼ିଭିଜନରେ ଗୋଟିଏ ଲେଖାଏଁ ସ୍କୁଲ୍ ଖୋଲଯାଉ । ଖାଲି ପ୍ରାଇମେରୀ ଷ୍ଟେଜ୍‌ରେ ସାନ୍ତାଳୀ ଭାଷାରେ ପଢ଼ାଇ ଦେଲେ ହେବନାହିଁ ସେମାନେ ପାଠପଢି କିଭଳି ତାଙ୍କର ପେଟ ପୋଷିପାରିବେ ବା ଚାକିରୀ କରିପାରିବେ ସେ ଦିଗରେ ସରକାର ଦୃଷ୍ଟି ଦେବା ଦରକାର । ଯଦି ସେମାନେ ଚାକିରୀ ପାଇ ପାରିଲେ ନାହିଁ ତାହେଲେ ସେ ଭାଷା ଶିକ୍ଷାକରି ଲାଭ କ'ଣ ? ତେଣୁ ସରକାର ଆମର ସାନ୍ତାଳୀ ଲିପିକୁ ଗ୍ରହଣ କରି ପ୍ରତି ସବ୍‌ଡ଼ିଭିଜନ୍‌ରେ ଗୋଟିଏ ଲେଖାଏଁ ସ୍କୁଲ୍ ଖୋଲନ୍ତୁ । ସେଠି ଯେଉଁ ପିଲମାନେ

ପଢ଼ିବାକୁ ଚାହାନ୍ତି ସେମାନଙ୍କୁ ସୁଯୋଗ ଦିଆଯାଉ । ଯେଉଁ ସାନ୍ତାଳୀ ପିଲ-ମାନେ ପରୀକ୍ଷାରେ ପାଶ୍ କରୁଛନ୍ତି ସେମାନଙ୍କୁ ସରକାରଙ୍କ ତରଫରୁ ସେ ସ୍କୁଲ୍‌ମାନଙ୍କରେ ପୋଷ୍ଟିଂ କରାଯାଉ ।

### ଶ୍ରୀ ରବୀନ୍ଦ୍ର ମୋହନ ସେନାପତି

କେଉଁ ଶ୍ରେଣୀ ପର୍ଯ୍ୟନ୍ତ ଚାହୁଁଛନ୍ତି ?

### ଶ୍ରୀ ମନୋହର ମାହାଲି

ପ୍ରାଇମେରୀ ସ୍ତର ପର୍ଯ୍ୟନ୍ତ ହେଉ । ଏ ସଂସ୍କୃତିକୁ ରକ୍ଷା କରିବାପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଉ ଏବଂ ଆମ ଜିଲାରେ ଗୋଟିଏ କାର୍ଯ୍ୟକ୍ରମ ରଖାଯାଉ ଯାହା ଦ୍ୱାରା କି ସେମାନଙ୍କର ବାଦ୍ୟଯନ୍ତ୍ର ଇତ୍ୟାଦି ମିଉଜିୟମ୍ ଭଳି ରଖାଯାଇ ପାରିବ । ସରକାର ଯଦି ଚେଷ୍ଟା ନ କରିବେ, ତାହେଲେ ଆମର ଯେଉଁ ଏତେଗୁଡ଼ିଏ ସଂସ୍କୃତି ରହିଛି ତାହା ଲୋପ ପାଇଯିବ । ମୁଁ ଜାଣିଛି ମୟୂରଭଞ୍ଜରେ ଯେତେଗୁଡ଼ିଏ ଅର୍ଗାନାଇଜେସନ୍ ଅଛି ସେ ସବୁ ସରକାରଙ୍କ ଠାରୁ ସାହାଯ୍ୟ ପାଇଥିଲେ ମଧ୍ୟ ସେଗୁଡ଼ିକ ବିଶେଷ କିଛି ଫଳପ୍ରଦ ହୋଇ ନାହିଁ । ତେଣୁ ମୋର ସଜେସନ ହେଉଛି ଗଭର୍ଣ୍ଣମେଣ୍ଟ ତରଫରୁ ସେଇଟା କରାଗଲେ ବହୁତ ଭଲ ହେବ । ବିଶେଷତଃ ଆମର ଯେଉଁ ନନ୍ ଟ୍ରାଇବାଲ୍ ଟିଚର୍‌ମାନେ ଅଛନ୍ତି ସେମାନଙ୍କୁ ଯଦି ୨ ମାସ ଲେଖାଏଁ ଟ୍ରେନିଂ ଦିଆଯାଏ ତାହେଲେ କିଛିଟା ଉନ୍ନତି ହୋଇପାରିବ ।

### ଶ୍ରୀ କରୁଣାକର ନାୟକ

( ଏମ.ଏଲ୍.ଏ. )

ଆଜିର ଏହି ଯେଉଁ ଆଲୋଚନା ଚାଲିଛି, ଏଥିରେ ବିଶେଷ କରି ଆଦିବାସୀ ଶ୍ରେଣୀର ଭାଇମାନେ ଭାଗ ନେଇଛନ୍ତି । କିନ୍ତୁ ଆମେ ଯାହା ଦେଖୁଛୁ କୋଲ୍ଡ କମ୍ୟୁନିଟିର କେହି ନାହାଁନ୍ତି । ପ୍ରଥମ କଥା, ମୁଁ ଆପଣଙ୍କ ଦୃଷ୍ଟିକୁ ଆଣିବି ଆମ ଭିତରେ ବାଦାନୁବାଦ କରିବାର କିଛି ନାହିଁ । କଣ ହେବ ସେ ସଂପର୍କରେ ସରକାରୀ ନିଷ୍ପତ୍ତି ନିଆଯିବ । ଆପଣ ଆମକୁ ଯେଉଁ ବିବରଣୀ

ଦେଉଛନ୍ତି ସେଥିରେ ଆପଣ ପୋପୁଲେସନ୍ ଏବଂ ତାର ପର୍ସେନ୍‌ଟେଜକୁ ଉଲ୍ଲେଖ କରିଛନ୍ତି । କେବଳ ସାନ୍ତାଳୀମାନଙ୍କ ଛଡା ଅନ୍ୟମାନଙ୍କର ପୋପୁଲେସନ୍ କେତେ ଏବଂ ତାର ପର୍ସେଣ୍ଟେଜ୍ ମିଳୁନାହିଁ ବୋଲି କହିଲେ । ହୋ, କୋହ ଆଦିବାସୀ ଏହା ଗୋଟିଏ କମ୍ୟୁନିଟି ବୋଲି ଆମେ ଜାଣିଛୁ, କିନ୍ତୁ ତାଙ୍କୁ ଏଥିରେ ସେପାରେଟ୍ ବୋଲି ଦର୍ଶାଯାଇଛି । ଆମ ପୋପୁଲେସନ୍ ପର୍ସେଣ୍ଟେଜ୍ ଯାହା ଏବଂ ତାଙ୍କର କେଉଁ କମ୍ୟୁନିଟି କେତେ ଏଡୁକେସନ୍ ପର୍ସେଣ୍ଟେଜ୍ ହୋଇଛି ତାକୁ ଆଖି ଆଗରେ ରଖି ବିଗ୍ରହକୁ ନେବା କଥା । ଧରନ୍ତୁ ଯେଉଁମାନେ ଆଜି କହୁଛନ୍ତି ଅଲ୍‌ଚିକିକୁ ସ୍ୱୀକୃତି ଦିଅନ୍ତୁ । କିନ୍ତୁ ସେ କମ୍ୟୁନିଟିର କେତେପିଲ ଶିକ୍ଷିତ ହୋଇଛନ୍ତି ସେମାନଙ୍କ ଭିତରୁ କେତେ ଚାକିରୀ କରିଛନ୍ତି ସେ ବିଷୟରେ ମଧ୍ୟ ଗବେଷଣା କରିବାକୁ ହେବ । ତାହେଲେ ଅନ୍ତତଃ ସେମାନେ ଏ ଭାଷାକୁ ଯଦି ସ୍ୱୀକୃତି ନ ଦେବେ, ସେମାନେ କେବେ ଉପରକୁ ଯାଇଛନ୍ତି, କେତେ କ୍ଲାସ୍ ପର୍ଯ୍ୟନ୍ତ ଯାଇଛନ୍ତି ସେମାନଙ୍କର ସଂଖ୍ୟା କେତେ ସେ ଅନୁସାରେ କେତେ ଶିକ୍ଷିତ ହୋଇ ପାରିଛନ୍ତି, କେତେ ବେକାର ଅଛନ୍ତି ଏବଂ କେତେ ଚାକିରୀ ପାଇଛନ୍ତି ତାହା ଦେଖିବା କଥା । ତା ତଳକୁ ଯେଉଁ ସମ୍ପ୍ରଦାୟମାନଙ୍କର ଭାଷା ଓଡ଼ିଆ କିନ୍ତୁ ସେମାନଙ୍କର ଆଉ ଗୋଟିଏ ଲୋକାଲ୍ ଲଙ୍ଗୁଏଜ୍ ଅଛି ସେଥିପାଇଁ ସେମାନେ ଆଦିବାସୀମାନଙ୍କ ଭିତରେ ପରିଗଣିତ ହେଉଛନ୍ତି । ମୁଣ୍ଡା, ଭୂୟାଁ ଏବଂ ବାଥୁଡ଼ିମାନଙ୍କର ସ୍ୱତନ୍ତ୍ର ଭାଷା ରହିଛି । ସେମାନେ ଓଡ଼ିଆ ଭାଷା କହିଲେ ମଧ୍ୟ ତାଙ୍କର ଘରେଇ ଭାଷା ଅଲଗା । ଶିକ୍ଷାଦାନ ପାଇଲ ପରେ ତାକୁ ସେମାନେ ସାଧୁ ଶବ୍ଦ ବ୍ୟବହାର କରି କଥାବାର୍ତ୍ତା କରୁଛନ୍ତ । ତେଣୁ ଏସବୁ କଥାକୁ ବିଚାର କରିବା ଦରକାର । ଯେଉଁମାନେ କହୁଛନ୍ତି ଅଲଚିକିକୁ ସ୍ୱୀକୃତି ଦିଆଯାଉ ସ୍ୱୀକୃତି ଦେଲେ କଣ ହେବ ? ଅନ୍ୟ ଯେଉଁ ସମ୍ପ୍ରଦାୟ ଅଛନ୍ତି ସେମାନଙ୍କୁ କଣ ଶିଖିବା ପାଇଁ ବାଧ୍ୟ କରାଯିବ ? ଯେଉଁମାନେ ଏ ଭାଷା ଶିଖିବେ ଜାଣିଶୁଣି ସେମାନେ କେବଳ ମାଷ୍ଟର ହେବେ । ପରବର୍ତ୍ତୀ ଅବସ୍ଥାରେ ଅସୁବିଧା କଣ ହେବନା' ଯେଉଁମାନଙ୍କର ସ୍ୱତନ୍ତ୍ର ଭାଷା ଅଛି ସେହିମାନେହିଁ କେବଳ ଆଦିବାସୀ ବୋଲି ପରିଗଣିତ ହେବେ ଓ ଅନ୍ୟମାନେ ସେଥିରୁ ବଂଚିତ ହେବ । ବର୍ତ୍ତମାନ ଗୋର୍ଖାଲ୍ୟାଣ୍ଡ ବୋଡ଼ୋ ଆନ୍ଦୋଳନ ଇତ୍ୟାଦି ହେଉଛି ଖଲିସ୍ଥାନ କଥା ମଧ୍ୟ ଉଠୁଛି, ତେଣୁ କେତେବେଳେ ଏମାନେ ଆମକୁ ସାନ୍ତାଳ ପ୍ରଗଣା ଦିଅଯାଉ

ବୋଲି ମଧ୍ୟ କହିବେ । ଯାହାଫଳରେ କି ଆମ ଭିତରେ ଗୋଟିଏ ସଙ୍କୀର୍ଣ୍ଣ ମନୋଭାବ ସୃଷ୍ଟି ହେବ । ଆଦିବାସୀ ଓ ଅଣ ଆଦିବାସୀମାନଙ୍କ ମଧ୍ୟରେ ସଂଘର୍ଷ ହେବ । ତାପରେ ଯଦି ଏହାକୁ କରି ଦିଆଯାଏ ସାନ୍ତାଳ ମାନେ ଅଲଗା ହେବାପାଇଁ ଚାହିଁବେ । ହୋ ଭାଇମାନେ ମଧ୍ୟ ଅଲଗା ହୋଇ ରହିବାକୁ ଚାହିଁବେ । ଯାହା ଫଳରେ କି ଜାତିଭେଦ ସଂଘର୍ଷ ନିଶ୍ଚିତ ଭାବରେ ଦେଖାଦେବ ବୋଲି ମୋର ଅନୁମାନ ହେଉଛି । ଅଲଚିକିକୁ ସ୍ୱୀକୃତି ଦେବା ପାଇଁ ଆମର କେତେ ଭାଇମାନେ କହୁଛନ୍ତି । କୋହ୍ଲ ଭାଇମାନେ ମଧ୍ୟ ତାଙ୍କର ଗୋଟିଏ ସ୍କ୍ରିପ୍ଟ ବାହାର କରିଛନ୍ତି । ସେ ଭାଷାର ସ୍କ୍ରିପ୍ଟ ତାକୁ ବିହାର ୟୁନି-ଭର୍ସିଟି ମଧ୍ୟ ଆପ୍ରୋଭ୍ କରିଛନ୍ତି । ତାଙ୍କର ଇଣ୍ଟରମେଡ଼ିଏଟ ଷ୍ଟେଜ୍‌ରେ ଯେଉଁ ବହି ପଢ଼ା ହେଉଛି ତାର ଗୋଟିଏ କପି ମୁଁ ଆପଣଙ୍କୁ ଦେଉଛି । ସେମାନେ ଯାହା କହୁଛନ୍ତି ଯେ ଆମର ଗୋଟିଏ ଏଜୁକେସନାଲ ବୋର୍ଡ ଅଛି ସେତେବେଳେ ସେମାନେ ମଧ୍ୟ କହିବେ ଯେ ଆମକୁ ଗୋଟିଏ ସାନ୍ତାଳ ୟୁନିଭର୍ସିଟି କରି ଦିଆଯାଉ । ତାପରେ ବିଭିନ୍ନ କଥା ଉଠିବ । ଯେଉଁମାନେ ଓଡ଼ିଆ କହୁଛନ୍ତି ସେମାନଙ୍କୁ ମଧ୍ୟ ବାଧ୍ୟ କରଯିବ ଯେ ତୁମେ ଏହାକୁ ଶିଖ । ଧରନ୍ତୁ ଗୋଟିଏ ହଷ୍ଟେଲ୍‌ରେ ସମସ୍ତେ ମିଶିକରି ରହିଛନ୍ତି । ତାଙ୍କ ଭିତରେ କିଏ କେତେ ପ୍ରକାର ଭାଷା କହିଲେଣି ତ ତାହା ବୁଝି ହେଉନାହିଁ । ଆଦିବାସୀ-ମାନଙ୍କୁ ଏ ଯେଉଁ ପ୍ରକାର ଶିକ୍ଷା ଦିଆଯାଉଛି ସେଥିରେ ସେମାନେ ଆଗେଇ ପାରୁନାହାନ୍ତି । ବର୍ତ୍ତମାନ କେତେକ ଭାଇ କହିଲେ ଯେ ମୁଣ୍ଡା ଏବଂ କୋହ୍ଲଙ୍କର ସ୍କ୍ରିପ୍ଟ ବାହାର କଲେଣି । ଆମେ ଯଦି ତାକୁ ଦୃଷ୍ଟିରେ ରଖି ଲେଖୁ ତାହେଲେ ବହିରେ ଭଲ୍ୟୁମ୍ କେତେ ହେବ ଏବଂ ବହିର ଦାମ ନିଶ୍ଚିତ ଭାବରେ ବଢ଼ିବ । ବର୍ତ୍ତମାନ ଆମର ଓଡ଼ିଆ, ହିନ୍ଦୀ, ଇଂରାଜୀ ତିନୋଟି ଭାଷା ଚାଲୁଛି । ତାପରେ ଯଦି ଅଲଚିକିକୁ ନିଆଯାଏ ତାହେଲେ ଭାରି ହୋଇଯିବ । ଆମର ଦେବ-ନାଗରୀଠାରୁ ଆରମ୍ଭ କରି ସଂସ୍କୃତ ପର୍ଯ୍ୟନ୍ତ କେଉଁ ଭାଷା ରହିଛି ତାକୁ ପିଲାମାନେ ଆୟତ୍ତ କରିପାରୁ ନାହାଁନ୍ତି । ୩/୪ ବର୍ଷର ପିଲାମାନଙ୍କ ଉପରେ ଏହା ବୋଝ ଉପରେ ନଳିତାବିଡ଼ା ସଦୃଶ ହେବ । ଏହା ହେଉଛି ମୋର ସ୍ପଷ୍ଟ ମତ । ପରବର୍ତ୍ତୀ ଷ୍ଟେଜ୍‌ରେ ସେମାନେ କହି ପାରନ୍ତି ସାନ୍ତାଳୀ ଭାଷାକୁ କମ୍ପଲସରି କରି ଦିଆଯାଉ । କିନ୍ତୁ କମ୍ପଲସରି କରି ଦିଆଗଲେ ଅନେକ ଅସୁବିଧା ହେବ । ଯେପରି ଗୋଟିଏ ପିଲା ଯଦି ଆର୍ଟସ୍ ନେବାକୁ ଚାହୁଁଛି ତାକୁ ଯଦି ସାଇନ୍ସ

ପଢ଼ିବା ପାଇଁ କୁହାଯାଏ ତାହେଲେ ସେ ଭଲ ପଢ଼ିବ ନାହିଁ । ଯାହା ଫଳରେ ଶିକ୍ଷା କ୍ଷେତ୍ରରେ ସେ ଯେଉଁ ସ୍ତରକୁ ଯିବା କଥା ସେ ଯାଇ ପାରିବ ନାହିଁ । ତେଣୁ ଏସବୁ କଥାକୁ ବିଚାର କରି ଆମେ ଯାହା କହୁଛୁ ଅଲ୍‌ଚିକିକୁ ସ୍ୱୀକୃତି ଦେଇ ଦେଲେ ଯେ ସବୁ ସମସ୍ୟାର ସମାଧାନ ହୋଇଯିବ ତା ନୁହେଁ । ଆପଣ ଦେଖୁଥିବେ ସମ୍ବଲପୁରରେ ସମ୍ବଲପୁରୀ ଭାଷା ରହିଛି । ସେମାନେ ମଧ୍ୟ ଦାବୀ କରୁଛନ୍ତି ତାଙ୍କର ଭାଷା କିପରି ବଂଚିବ ଏବଂ ତାଙ୍କ ଭାଷା କିପରି ଡେଭଲପ୍ କରିବ । ସେଥିପାଇଁ ସରକାରୀ ଅନୁଦାନ ଦିଆଯାଉ ଏବଂ ସରକାର ଏ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରନ୍ତୁ । ଏଥିରେ ଆମର ଆପତ୍ତି ନାହିଁ । କିନ୍ତୁ ଏ ଯେଉଁ ଲିପିକୁ ସରକାର ଯଦି ସ୍ୱୀକୃତି ଦେବେ ଭବିଷ୍ୟତରେ ଆମର ବହୁ ବାଧାବିଘ୍ନ ସୃଷ୍ଟି ହେବ ଏବଂ ଜାତି ଜାତି ଭିତରେ ସଂଘର୍ଷ ସୃଷ୍ଟି ହେବ । ତେଣୁ ମୋର ଏ ଯେଉଁ ମତାମତ ମୁଁ ଦେଲି ଆପଣମାନେ ତାକୁ ବିଚାରକୁ ନେବେ ।

**ଶ୍ରୀ ଶମ୍ଭୁନାଥ ନାୟକ ଏମ୍.ଏଲ୍. ଏ.**

ମାନ୍ୟବର ବାଚସ୍ପତି ମହୋଦୟ, ଅଦିବାସୀ ଓ ହରିଜନ କଲ୍ୟାଣ ବିଭାଗର ଅଫିସରବୃନ୍ଦ ଓ ମୟୂରଭଞ୍ଜ ଜିଲ୍ଲାରୁ ଆସିଥିବା ଆଦିବାସୀ ଭାଇମାନେ ! ଆଜି ଏଠାରେ ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷାଦାନର ମାଧ୍ୟମ ସମ୍ପର୍କରେ ଯେଉଁ ଆଲୋଚନା ଚାଲି ହେଉଛି, ସେ ସମ୍ପର୍କରେ ବିଭିନ୍ନ ଜାତିର ଓ ସଂପ୍ରଦାୟର ବନ୍ଧୁମାନେ ସେମାନଙ୍କର ବ୍ୟକ୍ତିଗତ ମତ ଦେଇ ସାରିଛନ୍ତି । ଆପଣମାନେ ଜାଣନ୍ତି ଭାଷା ହେଉଛି ଶିକ୍ଷାର ମାଧ୍ୟମ । ଭାଷାକୁ ବଦଳାଇ ଦେଲେ ଶିକ୍ଷାଦାନ ଅସମ୍ଭବ ହୋଇଥାଏ । ସେ ଦୃଷ୍ଟିରୁ ୨ ଟେୟାର ସିଷ୍ଟମ୍‌ରେ ଶିକ୍ଷାଦାନ ହେବା ଉଚିତ । ଆମ ଭାରତବର୍ଷରେ ୩ ଟେୟାର, ୪ ଟେୟାର ସିଷ୍ଟମ୍‌ରେ ଶିକ୍ଷାଦାନ କରଯାଉଛି । ମାତୃଭାଷାକୁ ଛାଡ଼ି ହିନ୍ଦୀ, ଇଂରାଜୀ ଏବଂ ସଂସ୍କୃତ ଶିଖିବା ପାଇଁ ଯେଉଁ ପ୍ରଣାଳୀ ଅବଲମ୍ବନ କରଯାଉଛି ସେଥିରେ ଆମେ ଅସୁବିଧାର ସମ୍ମୁଖୀନ ହେଉଛେ । ବର୍ତ୍ତମାନ ଆମେ ଏଠାରେ ପ୍ରାଥମିକ ସ୍ତରରେ ଶିକ୍ଷାଦାନ ସମ୍ପର୍କରେ ଆଲୋଚନା କରୁଛୁ । ଆମର ବୁଝିବା ଦରକାର ଆଦିବାସୀ ପିଲାମାନେ ଯେଉଁମାନେ ଗ୍ରାମାଞ୍ଚଳରେ ଅଛନ୍ତି, ସେମାନଙ୍କର ଶିକ୍ଷା ସମ୍ପର୍କରେ

ଆମେ ଆମର ଆଲୋଚନା କରିବା । ସାଧାରଣତଃ ଦେଖାଯାଏ ଯେ ବିଭିନ୍ନ ସଂପ୍ରଦାୟର ବିଭିନ୍ନ ପ୍ରକାରର କଥିତ ଭଷା ରହିଛି । ଯାହାର ଆଞ୍ଚଳିକ ଓ ପ୍ରାଦେଶିକ ଭଷା ମଧ୍ୟରେ ଅନେକ ତଫାତ ଅଛି । ତେଣୁ ପ୍ରାଥମିକ ସ୍ତରରେ ଶିକ୍ଷାଦାନ ପାଇଁ ଶିକ୍ଷକମାନଙ୍କୁ ସେହି ଅନୁସାରେ ଟ୍ରେନିଂ ଦିଆଯିବା ଦରକାର । ଯାହା ବ୍ୟତିରେକେ ଅମେ ଦେଖୁଛୁ ପ୍ରାଥମିକ ସ୍ତରରେ ଆଦିବାସୀ ପିଲମାନଙ୍କ ମଧ୍ୟରେ ବହୁତ ଡ୍ରପ୍‌ଆଉଟ୍ ହେଉଛି । ତା'ର କାରଣ ହେଲ ଏହି ପିଲମାନଙ୍କର ବର୍ତ୍ତମାନର ଶିକ୍ଷାଦାନ ପ୍ରଣାଳୀ ପ୍ରତି ଆଗ୍ରହ ସୃଷ୍ଟି ହେଉନାହିଁ । ମୋର ବ୍ୟକ୍ତିଗତ ମତ ହେଲ ଆଦିବାସୀ ମାତୃଭଷାକୁ ସେ ସବୁ ଆଦିବାସୀ ସ୍କୁଲ-ମାନଙ୍କରେ ଅପସ୍‌ନାଲ ସବ୍‌ଜେକ୍ଟ ଭବରେ ରଖିବାର ବ୍ୟବସ୍ଥା କରଯାଉ, ଯେପରି ହିନ୍ଦୀ ଓ ସଂସ୍କୃତ ଇତ୍ୟାଦିକୁ ଆମର ସାଧାରଣ ପାଠ୍ୟକ୍ରମରେ ଅପସ୍-ନାଲ ସବ୍‌ଜେକ୍ଟ ହିସାବରେ ଧରଯାଇଛି । ଏହା ନକଲେ ଆମେ ସାଧାରଣ ପାଠ୍ୟକ୍ରମର ମେନ୍‌ଷ୍ଟ୍ରିମ୍‌ରୁ ଅଲଗା ହୋଇଯିବା । ଆପଣ ଦେଖିବେ ପ୍ରତ୍ୟେକ ସମାଜବାଦୀ–ସୋସିଆଲିଷ୍ଟ କଣ୍ଟ୍ରିରେ ଟ୍ରାଇବାଲ୍ ଲଙ୍ଗୁଏଜ୍‌କୁ ସ୍ୱୀକୃତି ଦିଆଯାଇଛି । ସେଥିପାଇଁ ଆମ ଦେଶରେ ସବୁ ଟ୍ରାଇବାଲ ଲଙ୍ଗୁଏଜ୍‌କୁ ସ୍ୱୀକୃତି ଦେଇ ଯଦି ସେଗୁଡ଼ିକୁ ଅପ୍‌ସନାଲ ସବ୍‌ଜେକ୍ଟ ହିସାବରେ ଗ୍ରହଣ କରଯାଏ ଓ ସାଧାରଣ ଶିକ୍ଷାଦାନର ବ୍ୟବସ୍ଥା କରଯାଏ । ତେବେ ଏହି ଅନଗ୍ରସର ଜାତି ଶିକ୍ଷାକ୍ଷେତ୍ରରେ ଆଗେଇ ପାରିବେ ଓ ସେମାନେ ତାଙ୍କର ମାତୃଭଷାର ବିକାଶ କରିବାରେ ସହାୟକ ହେବା ସଙ୍ଗେ ସଙ୍ଗେ ଶିକ୍ଷା ପ୍ରତି ଆକୃଷ୍ଟ ହେବେ । ସରକାର ଏ ଦିଗରେ ପଦକ୍ଷେପ ନେବା ଉଚିତ ।

## ଶ୍ରୀ ଗାସଙ୍ଗ ମାଝି

(ସାନ୍ତାଳ ସଂପ୍ରଦାୟ)

ମୁଁ ଏତିକି କହିବା ପାଇଁ ଗ୍ରହେଁ ଯେ ଅଲ୍‌ଚିକି ଲିପିକୁ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଆଦିବାସୀମାନଙ୍କର ଶିକ୍ଷାର ମାଧ୍ୟମ ଭବରେ ଯଦି ଗ୍ରହଣ କରଯାଏ, ତାହେଲେ ସାନ୍ତାଳ, ହୋ ଏବଂ ମୁଣ୍ଡା ସଂପ୍ରଦାୟର ଯେଉଁ ଭଷା ଅଛି ତା'ର ପ୍ରୋନାଉନ୍‌ସିସନ୍ ସହିତ ଏହାର ସ୍ୱତନ୍ତ୍ରତା ବଜାୟ ରହିବ । ତେଣୁ ଅଲଚିକି ଲିପି ମାଧ୍ୟମରେ ପ୍ରାଥମିକ ଶିକ୍ଷା ଦିଆଯିବା ଉଚିତ ।

## ଶ୍ରୀ କାଲାଗ୍ଚନ୍ଦ ନାୟକ
(ଲୋଧା ସଂପ୍ରଦାୟ)

ସାର୍, ଆମ ପିଲମାନେ ଓଡ଼ିଆରେ ପାଠ ପଢ଼ୁଛନ୍ତି । ଆମେ ଓଡ଼ିଆ ଭଷା କହୁ । ଯଦିଓ ଲୋଧାମାନଙ୍କର ସ୍ୱତନ୍ତ୍ର ଭଷା ଅଛି, ଆମ ପିଲମାନେ ଅଲ୍‌ଚିକି ଭଷାରେ ପଢ଼ି ପାରିବେ ନାହିଁ । ଆମ ଗାଁରେ ସ୍କୁଲ୍ ନଥିବାରୁ ଆମ ପିଲମାନେ ଅଧିକ ସଂଖ୍ୟାରେ ଦୂର ସ୍କୁଲକୁ ପାଠ ପଢିବାକୁ ଯାଇପାରୁ ନାହାଁନ୍ତି । ଆମ ଅଞ୍ଚଳରେ ଯଦି ସେବାଶ୍ରମ ବା ସ୍କୁଲ ଜରଯାଏ ତେବେ ଆମ ପିଲମାନେ ସୁବିଧାରେ ପାଠ ପଢିପାରିବେ । ଆମ ଗାଁରେ ଯଦି ପ୍ରୌଢ ଶିକ୍ଷା କେନ୍ଦ୍ର ଖୋଲଯାଏ, ଲୋକମାନେ ମଧ୍ୟ ପାଠ ପଢ଼ି ପାରିବେ । ମୋ ମତରେ ଓଡ଼ିଆ ଲିପି ରହୁ, କାରଣ ଅଲ୍‌ଚିକି ଲିପିରେ ଆମ ପିଲେ ଶିକ୍ଷା ଗ୍ରହଣ କରି ପାରିବେ ନାହିଁ ।

## ଶ୍ରୀ ପ୍ରସନ୍ନ କୁମାର ଦାସ
(ବାଚସ୍ପତି, ଓଡ଼ିଶା ବିଧାନ ସଭା)

ମାନନୀୟ ଆଦିବାସୀ ଓ ହରିଜନ କଲ୍ୟାଣ ବିଭଗର କର୍ମକର୍ତାଗଣ, ବିଧାନସଭର ସଦସ୍ୟବୃନ୍ଦ ଏବଂ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ଜାତି ଓ ସଂପ୍ରଦାୟର ଉପସ୍ଥିତି ସଦସ୍ୟଗଣ । ମୁଁ ପ୍ରଥମେ ଏହି ଆଦିବାସୀ ଓ ହରିଜନ କଲ୍ୟାଣ ବିଭଗର କର୍ମକର୍ତାମାନଙ୍କୁ ବିଶେଷ ଧନ୍ୟବାଦ ଦେବି ଯେ ସେମାନେ ଏଭଳି ଏକ ସମାବେଶରେ ଆୟୋଜନ କରି ବିଭିନ୍ନ ସଂପ୍ରଦାୟ ଓ ଭଷାର ପ୍ରତିନିଧିମାନଙ୍କୁ ଡାକି ସେମାନଙ୍କର ସମସ୍ୟା ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଛନ୍ତି । ତାହା ଶୁଣିଲ ପରେ ସମସ୍ତ ସମସ୍ୟାର ସମାଧାନର ଉଦ୍ୟମ ନିଶ୍ଚିତ ଭବରେ ହେବ । ସେଥିପାଇଁ ମୁଁ ସମସ୍ତଙ୍କୁ ସ୍ୱାଗତ କରୁଛି । ଅନ୍ୟ ଜିଲ୍ଲାର ପ୍ରତିନିଧିମାନଙ୍କୁ ଡକା ନଯାଇ କେବଳ ମୟୁରଭଞ୍ଜ ଜିଲ୍ଲାର ପ୍ରତିନିଧିମାନଙ୍କୁ ଯେ ଡକାଯାଇଛି ତା'ର କାରଣ ହେଲ, ଏହି ଜିଲ୍ଲା ହେଉଛି ଏକ ପୂର୍ବତନ ଗଡ଼ଜାତ ଏବଂ ଏହାର ଭୌଗୋଳିକ ଓ ପ୍ରାକୃତିକ ପରିସ୍ଥିତି ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଭିନ୍ନ ଅଟେ । ଭରତବର୍ଷରେ ଯେତେ ସବୁ ଆଦିବାସୀ

ଅଞ୍ଚଳ ଅଛି ସେ ଆଦିବାସୀ ଅଞ୍ଚଳ ମାନଙ୍କରେ ବିଭିନ୍ନ ଶ୍ରେଣୀ ଓ ସଂପ୍ରଦାୟର ଲୋକ ଅଛନ୍ତି । କିନ୍ତୁ ତାଙ୍କଠା ମୟୂରଭଞ୍ଜ ସଂପୂର୍ଣ୍ଣ ଭିନ୍ନ । କାରଣ ସେ ସବୁ ସ୍ଥାନମାନଙ୍କରେ କେଉଁଠି ଗୋଟିଏ, କେଉଁଠି ଦୁଇଟି ବା ଚାରୋଟି ଭାଷାଭାଷୀର ଆଦିବାସୀ ରହୁଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ବହୁ ଭାଷାଭାଷୀ ଆଦିବାସୀ ବସବାସ କରନ୍ତି । ତେଣୁ ଅନ୍ୟାନ୍ୟ ଅଞ୍ଚଳମାନଙ୍କ ଅପେକ୍ଷା ମୟୂରଭଞ୍ଜ ଜିଲ୍ଲାର ଏ ସମସ୍ୟା ସଂପୂର୍ଣ୍ଣ ଭିନ୍ନ । ମୟୂରଭଞ୍ଜ ଏକ ପୁରାତନ ଗଡ଼ଜାତ ଏବଂ କଥା ଅଛି ଯେ ମହାଭାରତ ଯୁଦ୍ଧରେ ଯେଉଁ ହାତୀ ଦରକାର ହେଉଥିଲେ ଏଠାରୁ ସେ ହାତୀ ଯାଉଥିଲେ । ତେଣୁ ଏହାର ଏକ ସ୍ୱତନ୍ତ୍ର ସଂସ୍କୃତି ରହିଛି । ମୟୂରଭଞ୍ଜର ପ୍ରକୃତ ଆଦିବାସୀ ହେଉଛନ୍ତି ଗଣ୍ଡ, ଭୂୟାଁ, ଖଡ଼ିଆ ଓ ବାଥୁଡ଼ି । ଅନ୍ୟ ଯେଉଁ ଆଦିବାସୀମାନେ ଅଛନ୍ତି ସେମାନେ ପରେ ଆସିଛନ୍ତି । ଏହି ଗଣ୍ଡ ଓ ଭୂୟାଁମାନଙ୍କର ପ୍ରକୃତ ଭାଷା ହେଉଛି ଓଡ଼ିଆ ଏବଂ ମୟୂରଭଞ୍ଜ ଏକ ସ୍ୱତନ୍ତ୍ର ଜିଲ୍ଲା ହୋଇଥିଲେ ମଧ୍ୟ ଏଠାରେ ପ୍ରକୃତ ସଂସ୍କୃତି ହେଉଛି ଓଡ଼ିଆ ସଂସ୍କୃତି । ଏହି ଓଡ଼ିଆ ସଂସ୍କୃତି ଅତି ପୁରାତନ ଯୁଗରୁ ରହିଛି । କାରଣ, ସେମାନେ ଓଡ଼ିଆ ଭାଷା କୁହନ୍ତି । ପରେ କୋହ୍ଲ, ମୁଣ୍ଡା, ସାନ୍ତାଳ, ମହନ୍ତ ଏବଂ ଅନ୍ୟାନ୍ୟ ଅଣ-ଆଦିବାସୀମାନେ ଆସିଛନ୍ତି । ପୂର୍ବରୁ ଯେଉଁ ଜମିଦାରମାନେ ଥିଲେ ସେମାନେ ଏହି ଗଣ୍ଡ, ଭୂୟାଁ, ଖଡ଼ିଆ, ବାଥୁଡ଼ି ସଂପ୍ରଦାୟର ଲୋକଥିଲେ । ତେଣୁ ସେମାନେ ହିଁ ହେଉଛନ୍ତି ମୟୂରଭଞ୍ଜର ପ୍ରକୃତ ଆଦିବାସୀ ଓ ସେମାନେ ଏହାର ସଂସ୍କୃତିକୁ ରକ୍ଷା କରି ଆସିଛନ୍ତି । ଆମ ସମ୍ବିଧାନର ଆରଟିକଲ୍-୨ରେ ଫଣ୍ଡାମେଣ୍ଟାଲ ରାଇଟ୍ ଯାହା ଉଲ୍ଲେଖ ରହିଛି, ଯେତେବେଳେ ବିଭିନ୍ନ ଭାଷାକୁ ନେଇ ରାଜ୍ୟ ଗଠନ ହେଲା ସେତେବେଳେ ସମ୍ବିଧାନରେ ଏହିପରି ଗୋଟିଏ ଆଇନ୍ ରଖାଗଲା ଯେଉଁଥିରେକି ଭାରତବର୍ଷରେ ଯିଏ ଯେଉଁ ସଂପ୍ରଦାୟର, ଭାଷାର ବା ସଂସ୍କୃତିର ଲୋକ ହୁଅନ୍ତୁ ନା କାହିଁକି, ସେ ସଂସ୍କୃତିକୁ ଆମେ ରକ୍ଷା କରିବା ଦରକାର । କିଭଳି ଭାବରେ ତାହା କରିବା ତାହା ପରେକଥା, ସେଥିପାଇଁ ଭାଷାକୁ ନେଇ ରାଜ୍ୟ ଗଠନ ହେଲା । ଆମର ସ୍ୱାଧୀନତା ପାଇଲାବେଳେ କିମ୍ବା ତା' ପୂର୍ବରୁ ଯଦି ଗୋଟିଏ ଲିପି, ଦେବନାଗରୀ ଲିପି, ରଖା ଯାଇଥାନ୍ତା ତାହେଲେ ଆଜି ଯେଉଁ ବିଚ୍ଛିନ୍ନତାବାଦ ମୁଣ୍ଡ ଟେକୁଛି ତା' ହୋଇ ନଥାନ୍ତା । ସେ ଦୃଷ୍ଟିରୁ ଗୋଟିଏ ଲିପି ରହିବା ଦରକାର, କିନ୍ତୁ ସେଇଟା ହେଲା ନାହିଁ ।

ମୁଁ ଗୋଟିଏ କଥା ଆପଣମାନଙ୍କୁ କହିବି । ମୁଁ ପୃଥିବୀର ବହୁଦେଶକୁ ଯାଇଛି । ପ୍ରାୟ ୧୫ ୧୬ ଟି ଦେଶ ବୁଲିଛି । ମାଲେସିଆ ବୋଲି ଗୋଟିଏ ଦେଶ ଅଛି ଯାହାକୁ କି ଆଗରୁ ମାଳୟ ବୋଲି କୁହାଯାଉଥିଲା । ମୁଁ ସେଠାରେ ଗାଡ଼ିରେ ବସି ଯାଉଛି, ଦେଖିଲି ଗୋଟିଏ ଗୋଟିଏ ଗାଡ଼ିରେ ଲେଖାଯାଇଛି ପୋଲିଶ । ମୁଁ କହିଲି ବୋଧହୁଏ ପୋଲିସ୍‌କୁ ଭୁଲ୍‌କରି ଲେଖାଯାଇଛି । ବୁଝିବାବେଳକୁ ତାଙ୍କର ଯେଉଁ ସ୍କ୍ରିପ୍ଟ ନେଇଛନ୍ତି ସେଟା ତାଙ୍କର ଠିକ୍ ଉଚ୍ଚାରଣ । ତାଙ୍କର ପୋପୁଲେସନ୍ ନେକ୍ସ ଟୁ ଚାଇନା । ସେଠାରେ ୩/୪ ଟି ସମ୍ପ୍ରଦାୟର ଲୋକ ଅଛନ୍ତି । କିନ୍ତୁ ତାଙ୍କ ଭିତରେ ବିଭେଦ ନାହିଁ । ତାଙ୍କ ପ୍ରାଇମ୍ ମିନିଷ୍ଟର୍ କହିଲେ ଯେ ସେଠାରେ ଗୋଟିଏ ଟେବୁଲ୍‌ରେ ମହମଡ଼ିଆନ୍, ଇଣ୍ଡିଆନ ଏବଂ ତେଲୁଗୁ ସମସ୍ତେ ମିଶି କରି ଖାଆନ୍ତି । ସେମାନେ ତାଙ୍କ ସ୍କ୍ରିପ୍ଟକୁ ଇଂଲିଶ୍ ସ୍କ୍ରିପଟ ଭଳି ନେଇଛନ୍ତି । ଭାରତବର୍ଷରେ ତାହା ଯଦି ହୋଇପାରନ୍ତା ତାହେଲେ ବିଭିନ୍ନ ଭାଷା ଭିତରେ ଯେଉଁ ସବୁ ଅସୁବିଧା ରହିଛି ତାହା ଆଉ ରହନ୍ତା ନାହିଁ । ଆମର ତେଲୁଗୁ ଭାଷାକୁ ଅନ୍ୟମାନେ ବୁଝିପାରନ୍ତି ନାହିଁ, ଲେଖିପାରନ୍ତି ନାହିଁ କି ପଢ଼ିପାରନ୍ତି ନାହିଁ । ତେଣୁ ସେ ଦୃଷ୍ଟିରୁ ଆମ ଦେଶରେ ଯେତେ ଭାଷା ଅଛି ତାକୁ ଆଉ ବଢ଼ାଇ ଆମର ଭାଷାଭାଷୀକୁ ଅଧିକ କଂପ୍ଲିକେଟେଡ୍ କରିବା କେବେହେଲେ ବୁଦ୍ଧିମତାର କାର୍ଯ୍ୟ ହେବ ନାହିଁ ଏହା କରିବା ଦ୍ୱାରା ଭବିଷ୍ୟତର ପିଲମାନଙ୍କ ଉପରେ ଗୋଟିଏ ବୋଝ ଲଦି ଦିଆଯାଉଛି । ବର୍ତ୍ତମାନ ଆପଣ ଦେଖିବେ ଆମର ଓଡ଼ିଆ ଲୋକ ବିହାର, ମଧ୍ୟପ୍ରଦେଶ ଏବଂ ଆନ୍ଧ୍ରରେ ମଧ୍ୟ ଅଛନ୍ତି । ବିଧାନସଭାରେ ଏ ସମ୍ପର୍କରେ ଆମର ଗୋଟିଏ ଲିଙ୍ଗୁଏଷ୍ଟିକ୍ ମାଇନୋରିଟି କମିଟି ଅଛି ଯାହାର ଚେୟାରମ୍ୟାନ୍ ଭାବେ ମୁଁ ରହିଛି । ଆନ୍ଧ୍ର, ବିହାର ଏବଂ ବେଙ୍ଗଲର କେତେକ ଅଞ୍ଚଳକୁ ମୁଁ ଯାଇଛି । ଆନ୍ଧ୍ର ଅଞ୍ଚଳରେ ବର୍ତ୍ତମାନ ଅସୁବିଧା ହୋଇଯାଇଛି । ସେ ପିଲମାନେ ବର୍ତ୍ତମାନ କୌଣସି ଚାକିରୀ ବାକିରୀ କରିପାରୁ ନାହାନ୍ତି । ସେମାନେ ତେଲୁଗୁ ଭାଷାର ଏ ଟେ ଅର୍ଦ୍ଧ ହୋଇଛନ୍ତି ଯେ କେବଳ ତେଲୁଗୁ କହୁଛନ୍ତି କିନ୍ତୁ ଲେଖି ପାରୁ ନାହାଁନ୍ତି । ସେଥିପାଇଁ ମୁଁ ଯେତେବେଳେ ସେଠାକୁ ଯାଇଥିଲି ଦେଖିଲି ଯେ ସେମାନେ ସ୍କୁଲକୁ ଓଡ଼ିଆ ମାଷ୍ଟ ଦେଉ ନାହାଁନ୍ତି । ସେଥିପାଇଁ ମୁଁ ତାଙ୍କୁ କହିଲି ଯେ ତୁମେ ଅନ୍ତତଃ ଓଡ଼ିଆ ଭାଷାକୁ ରକ୍ଷାକରିବା ପାଇଁ ୫ ମ ଶ୍ରେଣୀ ପର୍ଯ୍ୟନ୍ତ ଚେଷ୍ଟା କର ।

ଅଧିକ କଲେ ତୁମର ନିଜର କ୍ଷତି ହେବ । କାରଣ ତୁମେ ଚାକିରୀ କରି ପାରିବ ନାହିଁ । ତୁମେ କେବଳ ତୁମର ମଦର୍‌ଟଙ୍ଗ୍‌କୁ ରକ୍ଷା କରିବା ଉଚିତ୍ । ସମ୍ବିଧାନର ୨୯ ଧାରରେ ସେଥିପାଇଁ ମଧ୍ୟ ବ୍ୟବସ୍ଥା ରହିଛି । ମୁଣ୍ଡାରୀ ଭାଇମାନେ କହିଲେ ଯେ ତାଙ୍କର ଗୋଟିଏ ସ୍କ୍ରିପଟି ଅଛି, ଭୂମିଜ ଭାଇମାନେ କହିଲେଣି ଯେ ତାଙ୍କର ମଧ୍ୟ ଗୋଟିଏ ସ୍କ୍ରିପ୍‌ଟି ଅଛି । ଏଭଳି ଯଦି ସ୍କ୍ରିପ୍‌ଟି କରି ଗଢ଼ିବେ ତାହେଲେ ଜଣେ ମାଷ୍ଟ କିପରି ପଢ଼ାଇବ ? ଆମର ମୟୂରଭଞ୍ଜରେ ସବୁ ଜାତିର ଲୋକ ଅଛନ୍ତି ଏବଂ ଗୋଟିଏ ସ୍କୁଲରେ ସବୁଜାତିର ପିଲା ମିଶିକରି ପଢ଼ୁଛନ୍ତି । ତାହେଲେ ତାଙ୍କର କିଭଳି ଏଡୁକେସନ ହେବ ? ସେ ଦୃଷ୍ଟିରୁ ଓଡ଼ିଆ ଅକ୍ଷର ହେଉ କିନ୍ତୁ ତାଙ୍କର ମାତୃଭାଷା ରହିବା ଉଚିତ୍ । ଯେଉଁମାନେ କହୁଛନ୍ତି ଓଡ଼ିଆରେ ଠିକ୍ ଶବ୍ଦ ହୋଇ ପାରିବ ନାହିଁ । ମୁଁ ତାଙ୍କ ସହିତ ଏକମତ ନୁହେଁ । ଏଭଳି କୌଣସି ଭାଷା ନାହିଁ ଯାହାର କି ଶବ୍ଦ ଓଡ଼ିଆରେ ଉଚ୍ଚାରଣ ହୋଇ ପାରିବ ନାହିଁ । ତେଣୁ ଏ ସମ୍ପର୍କରେ ଗୋଟିଏ ଗବେଷଣା କରଯାଇ କଣ କଲେ ଏକ୍‌ସପ୍ରେସନ ଠିକ୍ ହେବ ଚିନ୍ତାକରି ତାହା କରଯାଉ । କିନ୍ତୁ କେବେ ଭାବାପନ୍ନ ହୋଇ ଭୁଲରେ ସ୍କ୍ରିପ୍‌ଟି ବଢ଼ାନ୍ତୁ ନାହିଁ । ଯଦି ସ୍କ୍ରିପ୍‌ଟି ବଢ଼ିଯାଏ ତାହେଲେ ଏହା ଆମ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ବିପଦ ସୃଷ୍ଟି କରିବ ଏବଂ ସେମାନଙ୍କ ଭିତରେ ଡ଼ିଭିଜନ ସୃଷ୍ଟି କରିବ । ସେଥିପାଇଁ କେତେକଙ୍କୁ ସାକ୍ରିଫାଇସ୍ କରିବାକୁ ପଡ଼ିବ । ଆମର ବିହାର, ଆନ୍ଧ୍ର ଏବଂ ଭାରତ ସରକାରଙ୍କ ସହିତ ଆଲୋଚନା ହୋଇ ଏଗ୍ରିମେଣ୍ଟ ହୋଇଛି ଯେ ଗୋଟିଏ ସ୍କୁଲରେ ଏତିକି ପର୍‌ସେଣ୍ଟ ପିଲା ହେଲେ ସେଠି ଗୋଟିଏ ଓରିଆ ମାଷ୍ଟର ରହିବେ । ଯେଉଁଠାରେ ୯୦% ପିଲା ଓଡ଼ିଆ ହେବ ସେଠାରେ ଗୋଟିଏ ଓଡ଼ିଆ ସ୍କୁଲ ହେବ କିନ୍ତୁ ଯେଉଁଠାରେ ୩୦%/୪୦% ପିଲା ହେବେ ସେଠାରେ ଓଡ଼ିଆ ପଢ଼ାଇବା ପାଇଁ କେବଳ ଓଡ଼ିଆ ମାଷ୍ଟର ଦିଆଯିବ । ଏହି ଭଳି ବ୍ୟବସ୍ଥା ରଖା ଯାଇଛି । ଆମର ଯେଉଁମାନେ ଭୂୟାଁ, ବାଥୁଡ଼ି ଏବଂ ଅନ୍ୟ ଆଦିବାସୀ ଯେଉଁମାନେ ଓଡ଼ିଆ କହୁଛନ୍ତି ସେମାନଙ୍କୁ ଓଡ଼ିଆ ପଢ଼ାଇବାରେ କୌଣସି ଅସୁବିଧା ହେବ ନାହିଁ । କିନ୍ତୁ ବାକି ଯେଉଁ ୩/୪ ଟି ଜାତି ରହିଲେ ଯଥା–ସାନ୍ତାଳ, ଭୂମିଜ, କୋହ, ମୁଣ୍ଡା ସେମାନଙ୍କ ପାଇଁ ଅସୁବିଧା ହୋଇପାରେ । ତେଣୁ ସେମାନଙ୍କର ଭାଷା ଏବଂ ସଂସ୍କୃତିକୁ ରକ୍ଷା କରିବା ପାଇଁ ବିଚାର କରଯିବ । ଯଦି ଭୂମିଜ

ମୁଣ୍ଡା, କୋହ୍ମମାନଙ୍କ ଭିତରେ ସାମଂଜସ୍ୟ ଅଛି ସେମାନେ ତାଙ୍କ ଭାଷାକୁ ଓଡ଼ିଆ ଭାଷାରେ ପ୍ରକାଶ କରିବା ପାଇଁ କିଭଳି ଲିପି ହେବା ଦରକାର ସେ ସମ୍ପର୍କରେ ଗବେଷଣା କରି ବାହାର କରଯାଉ । କିନ୍ତୁ ଅକ୍ଷର ଓଡ଼ିଆରେ ରହୁ । ଆଇ ହାଭ ଗ୍ରେଟ ରିଗାର୍ଡ ଫର ଦି ବ୍ରିଟିଶ ପିପୁଲ୍ । ମୁଁ କହିବି ଇଂରେଜ ସରକାର ଭରତକୁ ଆସି ନଥିଲେ, ଭରତ ବର୍ଷରେ ଯଦି ଆମେ ପରସ୍ପରକୁ ଜାଣିବା ପାଇଁ କିଏ ବ୍ୟବସ୍ଥା କରିଥାନ୍ତି ତାହେଲେ ସେମାନେ ହେଉଛନ୍ତି ବ୍ରିଟିଶରସ୍ । ସେମାନେ ଇଂରଜୀ ଭାଷା ପ୍ରଚଳନ କରିବାରୁ ଏଭଳି ହୋଇ ପାରିଛି । ତାହା ନହୋଇଥିଲେ ଆମେ କାହାରିକୁ ଜାଣି ପାରି ନଥାନ୍ତେ, ବଡ଼ ମୁସ୍କିଲ୍ ହୋଇଥାନ୍ତା । ସେହି ଇଂରଜୀ ଭାଷା ପାଇଁ ଆମେ ଉତ୍ତର, ଦକ୍ଷିଣ ଏବଂ ପୂର୍ବ, ପଶ୍ଚିମ ଭରତର ଲୋକମାନଙ୍କ ସହିତ କଥାବାର୍ତ୍ତା କରି ପାରୁଛେ । ଯଦି ପ୍ରତ୍ୟେକ ପ୍ରତ୍ୟେକଙ୍କ ଭାଷାରେ କଥାବାର୍ତ୍ତା ହୁଅନ୍ତେ ତାହାହେଲେ କିଏ କାହାକୁ ବୁଝି ପାରନ୍ତେ ନାହିଁ । ତେଣୁ କୌଣସି ଭାବ ପ୍ରକାଶ ନହୋଇ ଓଡ଼ିଆ ଭାଷା ଓ ସଂସ୍କୃତିକୁ କିପରି ରକ୍ଷା କରିବାକୁ ହେବ ସେ ଚେଷ୍ଟା ଯଦି କେହି କରନ୍ତି ଆଇ ଆମ ଓ୍ୱାନ ଅଫ ଦେମ୍ । ଆମ କମିଟି ତରଫରୁ ମଧ୍ୟ ସେ ଉଦ୍ୟମ ଚାଲିଛି । ସେଥିପାଇଁ ଆମେ ଆନ୍ଧ୍ର ଏବଂ ଅନ୍ୟାନ୍ୟ ବର୍ଡର ଷ୍ଟେଟକୁ ଯାଇ ସେଠାରେ ଯେଉଁ ଓଡ଼ିଆ ଲୋକ ଅଛନ୍ତି ତାଙ୍କର ଶିକ୍ଷା ଦିଗରେ ବ୍ୟବସ୍ଥା କରଯାଉଛି କି ନାହିଁ ତାହା ଆମେ ଦେଖୁଛୁ । ଅନ୍ୟ ରାଜ୍ୟରେ ଯେଉଁ ଅଣ ଓଡ଼ିଆମାନେ ଓଡ଼ିଶାରେ ଅଛନ୍ତି ସେମାନଙ୍କ ପାଇଁ କି ସୁବିଧା କରଯାଉଛି ତାକୁ ମଧ୍ୟ ଆମେ ଯାଇ ଦେଖୁଛୁ ।

ଏଣୁ ମୁଁ ବିନମ୍ର ନିବେଦନ କରିବି, କୌଣସି ଭାବ ପ୍ରବଣତାରେ ଭାସି ନଯାଇ ଓଡ଼ିଶା ସ୍ୱାର୍ଥକୁ କିପରି ରକ୍ଷା କରଯିବ ସେ ବ୍ୟବସ୍ଥା କରଯାଉ । ଏଭଳି ଗୋଟିଏ ବାଟ କରଯାଉ ଯେଉଁଥିରେ କି ଭବିଷ୍ୟତ ବଂଶଧର-ମାନଙ୍କର କିଛି ଅସୁବିଧା ହେବ ନାହିଁ । ଏଭଳି ଗୋଟିଏ ଆଲୋଚନା ଚକ୍ର ଡାଇରେକ୍ଟର କରିଛନ୍ତି । ସେଥିପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେଉଛି ।

**ଶ୍ରୀ ଖଡଗଶ୍ୱର ମହାପାତ୍ର**

ଆଜି ଏ ଆଲୋଚନା ଫଳପ୍ରଦ ହୋଇଛି । ଏଥିରେ କାହାରି ସଂଶୟ ନାହିଁ । ବାଚସ୍ପତି ମହୋଦୟ ନିଜେ ଉପସ୍ଥିତ ରହି ତାଙ୍କର ସୁଚିନ୍ତିତ ମତ

ପ୍ରକାଶ କରିଛନ୍ତି । ବିଧାନ ସଭାର ଦୁଇ ଜଣ ମାନ୍ୟବର ସଦସ୍ୟ ଶ୍ରୀ କରୁଣାକର ନାୟକ ଏବଂ ଶ୍ରୀ ସମ୍ଭୁନାଥ ନାୟକ ତାଙ୍କର ମତ ବ୍ୟକ୍ତ କରିଛନ୍ତି । ଅନ୍ୟ ୨୩ ଜଣ ମୟୂରଭଞ୍ଜରୁ ଆସିଥିବା ବିଭିନ୍ନ ସମ୍ପ୍ରଦାୟର ପ୍ରତିନିଧି ନିଜ ନିଜର ମତ ପ୍ରକାଶ କରିଛନ୍ତି । ମୋଟରେ ୨୫ ଜଣଙ୍କର ମତ ଆମ ନିକଟରେ ରହିଛି । ମୁଳରୁ କମିଶନର ସାହେବ ଯେଉଁ ପ୍ରାରମ୍ଭିକ ସୂଚନା ଦେଇଥିଲେ ତା ଉପରେ ଆଲୋଚନା ହୋଇଛି । ଶିକ୍ଷାଦାନର ମାଧ୍ୟମ କ'ଣ ହେବା ଉଚିତ୍ ଏବଂ ସେଥିରେ ଏକାଧିକ ଲିପି ଚଳିବ କି ଗୋଟିଏ ଲିପି ଚଳିବ ଏ ସମ୍ପର୍କରେ ଆଲୋଚନା କରାଯାଇଛି । ସବୁଠାରୁ ବଡ଼ କଥା ହେଲା ମାନ୍ୟବର ବାଚସ୍ପତି ମହୋଦୟ ଯାହା କହିଲେ ଯେଉଁ ସ୍ୱତନ୍ତ୍ର ଭାଷା ଅଛି ତାର କିପରି ରକ୍ଷଣାବେକ୍ଷଣ ହେବ ବା ଉନ୍ନତି ହେବ ସେ ଦିଗରେ ବିଧିବଦ୍ଧ ବ୍ୟବସ୍ଥା କରାଯିବା ଦରକାର । ଅଧିକ ଭାଷା ପ୍ରଚଳନ କଲେ କି ଅସୁବିଧା ସୃଷ୍ଟି ହେବ ତାହା ଏ ଆଲୋଚନାରୁ ପରିସ୍ଫୁଟ ହୋଇଛି । ପରିଶେଷରେ ଆପଣମାନେ ସମସ୍ତେ ଏ ଆଲୋଚନାରେ ଯୋଗ ଦେଇ ନିଜ ନିଜର ମତାମତ ଦେଇଥିବାରୁ ସେଥିପାଇଁ ମୁଁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି । ଏଥି ସଙ୍ଗେ ସଙ୍ଗେ ଆପଣମାନଙ୍କୁ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ନିମନ୍ତ୍ରଣ କରୁଛି ।